ଆଜି - ଗୁରୁବାର
ତାରିଖ - ୨୩ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୧୦
ତିଥି -ସପ୍ତମୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ପୁନର୍ବସୁ, ମିଥୁନ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୭: ୦୦
ସୂର୍ଯ୍ୟାସ୍ତ - ୬ : ୦୩ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


“ଜୀବନ ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସବୁ ସମ୍ପର୍କରେ ଜୀବନ ରହିବା ମଧ୍ୟ ତତୋଧିକ ଗୁରୁତ୍ୱପୂର୍ଣ୍ଣ ।”

- ସ୍ୱାମୀ ବିବେକାନନ୍ଦ


E-mail: ajikalibls@gmail.com E-News : www.Ajikali epaper.com

Vol.- 41 ISSUE- 10 R.N.I. REGD. No. 44026/86 ବାଲେଶ୍ୱର ୨୩ ଅପ୍ରେଲ ୨୦୨୬ ଗୁରୁବାର BALASORE 23 APRIL 2026 THURSDAY “REGISTERED” REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ପହଲଗାମ ଆକ୍ରମଣକୁ ବର୍ଷେ ପୂର୍ତି

# ଆତଙ୍କବାଦ ଆଗରେ କେବେ ବି ମୁଣ୍ଡ ନୁଆଁଇବ ନାହିଁ ଭାରତ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଶ୍ରୀନଗର: ଗତ ବର୍ଷ ଜମ୍ମୁ-କାଶ୍ମୀରର ପହଲଗାମରେ ଘଟିଥିବା ସେହି କାପୁରୁଷୋଚିତ ଆତଙ୍କବାଦୀ ଆକ୍ରମଣକୁ ଆଜି ଏକ ବର୍ଷ ପୂରିଛି । ଏହି ଦୁଃଖଦ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରମଣର ଶିକାର ହୋଇଥିବା ନିର୍ଦ୍ଦୋଷ ନାଗରିକ ଓ ସହୀଦ ସୈନିକମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏଥିସହିତ ସେ ସ୍ପଷ୍ଟ କରିଛନ୍ତି ଯେ, ଶତ୍ରୁର କୌଣସି ବି ଘୃଣ୍ୟ ଯୋଜନା ଭାରତର ସଂକଳ୍ପକୁ ଦୋହଲାଇ ପାରିବ ନାହିଁ । ପ୍ରଧାନମନ୍ତ୍ରୀ ନିଜ ବାର୍ତାରେ ଉଲ୍ଲେଖ କରିଛନ୍ତି ଯେ, ପହଲଗାମ ଆକ୍ରମଣ ଦେଶର ବିବେକ ଉପରେ ଏକ ଗଭୀର ଆଘାତ ଥିଲା । ସେ ଲେଖିଛନ୍ତି, ‘ଗତ ବର୍ଷ ଏହି ଦିନରେ ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ନିର୍ଦ୍ଦୋଷ ଲୋକଙ୍କୁ ମନେ ପକାଉଛି । ସେମାନଙ୍କ ବଳିଦାନକୁ ଦେଶ କେବେ ବି ଭୁଲିବ ନାହିଁ । ଏହି ଅପୂରଣୀୟ କ୍ଷତି ସହୁଥିବା ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହ ମୋର ସମବେଦନା ରହିଛି ।‘ ପ୍ରଧାନମନ୍ତ୍ରୀ ମୋଦି ଆତଙ୍କବାଦ ବିରୋଧରେ ଭାରତର ଜିରୋ ଟଲେରାନ୍ସ ବା ଶୂନ୍ୟ ସହନଶୀଳତା ନୀତିକୁ ଦୋହରାଇଛନ୍ତି । ସେ




କହିଛନ୍ତି ଯେ, ଏକ ରାଷ୍ଟ୍ର ଭାବରେ ଆଜି ସମଗ୍ର ଭାରତ ଏକଜୁଟ୍ । ଭାରତ କେବେ ବି ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇବ ନାହିଁ । ଆତଙ୍କବାଦୀଙ୍କ କୌଣସି ବି ଷଡ଼ଯନ୍ତ୍ର ସଫଳ ହେବାକୁ ଦିଆଯିବ ନାହିଁ ବୋଲି ସେ ଦୃଢ଼ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୫ ମସିହା ଏପ୍ରିଲ୍ ୨୨ ତାରିଖରେ ପହଲଗାମରେ ଆତଙ୍କବାଦୀମାନେ ଏକ ଭୟଙ୍କର ଆକ୍ରମଣ କରିଥିଲେ । ଏହି ଘଟଣାରେ ଅନେକ ନୀରିହ ପର୍ଯ୍ୟଟକ ଓ ସାଧାରଣ ନାଗରିକ ନିଜର ପ୍ରାଣ ହରାଇଥିଲେ । ଏହି ଘଟଣା ପରେ ସୁରକ୍ଷା ବାହିନୀ ପକ୍ଷରୁ ସମଗ୍ର ଉପତ୍ୟକାରେ ବ୍ୟାପକ ସର୍ଚ୍ଚ ଅପରେସନ କରାଯାଇ ଆତଙ୍କବାଦ ବିରୋଧୀ ଅଭିଯାନକୁ ଜୋରଦାର କରାଯାଇଥିଲା । ପ୍ରଥମ ଶ୍ରାଦ୍ଧ ବାର୍ଷିକୀକୁ ଦୃଷ୍ଟିରେ ରଖି ବୈସାରନ ଘାଟି ସମେତ ସମଗ୍ର ପହଲଗାମ ଅଂଚଳରେ ହାଇ-ଆଲର୍ଟ ଜାରି କରାଯାଇଛି । ସୁରକ୍ଷା ବାହିନୀ ପ୍ରତ୍ୟେକ ପ୍ରବେଶ ପଥରେ ଯାଂଚ ପ୍ରକ୍ରିୟାକୁ କଠୋର କରିଛନ୍ତି । ମଙ୍ଗଳବାର ବରିଷ୍ଠ ପୁଲିସ ଅଧିକାରୀମାନେ ବିଭିନ୍ନ ସମ୍ବେଦନଶୀଳ ଅଂଚଳ ବୁଲି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ । ଲିଡର ନଦୀ କୂଳରେ ସମସ୍ତ ମୃତକଙ୍କ ସ୍ମୃତିରେ ଏକ କଳା ମାର୍ବଲ ସ୍ମାରକୀ ନିର୍ମାଣ କରାଯାଇଛି । ବୁଧବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଠାରେ ଏକ ସ୍ୱତନ୍ତ୍ର ସ୍ମାରକ ସଭାର ଆୟୋଜନ କରାଯାଇଥିଲା, ଯେଉଁଠାରେ ଶହ ଶହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ସେହି ଅମର ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ବିଜେପିର ବିଶାଳ ଜନ ଆକ୍ରୋଶ ମହିଳା ସମାବେଶ

# ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ, ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇ ନପାରିବା ପ୍ରତିବାଦରେ ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ବୁଧବାର ରାଜଧାନୀ ଭୁବନେଶ୍ୱରରେ ପ୍ରଦର୍ଶନୀ ପଡ଼ିଆରୁ ଲୋୟର ପିଏମ୍ ଜି ପର୍ଯ୍ୟନ୍ତ ବିଶାଳ “ଜନ ଆକ୍ରୋଶ ମହିଳା ପଦ ଯାତ୍ରା” ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାରେ ସମାଜରୁ ଆସିଥିବା ପ୍ରତ୍ୟେକ ବର୍ଗର ମହିଳା କଳା ପଟି ପିନ୍ଧି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବା ବିରୋଧୀ ନେତାଙ୍କ କୁଶପୁତ ଳିକା ଦାହ କରାଯାଇଥିଲା । ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ବାଧାପ୍ରାପ୍ତ କରି କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧି ଦଳଗୁଡିକ ଦେଶର ଅଧା ଜନସଂଖ୍ୟା ସହ ବିଶ୍ୱାସଘାତକତା କରିଛନ୍ତି । ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହତ୍ୟା କରିଛନ୍ତି ବିରୋଧ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇ ସେମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳ ଗୁଡିକ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ବିଫଳ କରିଛନ୍ତି । ଏହା



କେବଳ “ଏକ ବିଲ୍ ର ପରାଜୟ ନୁହେଁ, ବରଂ ମା’ ମାନଙ୍କ ସ୍ୱପ୍ନର ଭ୍ରୂଣହତ୍ୟା” । ଏହା ମୋଦିଙ୍କ ପରାଜୟ ନୁହେଁ, ଦେଶର ସମଗ୍ର ମହିଳାଙ୍କ ପାଇଁ ଶକ୍ତ ଧକ୍କା । ବିଶେଷକରି କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳଗୁଡିକ କେବଳ ମହିଳାଙ୍କୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବାବେଳେ, ମୋଦୀ ସରକାର ସେମାନଙ୍କୁ ପ୍ରକୃତ ସଶକ୍ତିକରଣ ପ୍ରଦାନ କରିବାକୁ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆଜିର ଏହି ଆକ୍ରୋଶର ନିଆଁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପିବ ଏବଂ ଏହି ଜନ ଆକ୍ରୋଶରେ ବିରୋଧୀଙ୍କ ରାଜନୈତିକ ଭବିଷ୍ୟତ ଧୂଳିସାତ୍ ହୋଇଯିବ । ମହିଳାମାନେ ଚୁପ୍ ନରହି ନିଜ ଅଧିକାର ପାଇଁ ସ୍ୱର ଉତୋଳନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି । ନାରୀମାନଙ୍କ ପାଇଁ ସଂସଦରେ ୧୭ ତାରିଖ ଦିନ ଯେଉଁ ଆଲୋଚନା ହୋଇଥିଲା, ତାହା ଦେଶର ଇତିହାସ ବଦଳିଥାନ୍ତା । କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ଏହି ବିଲକୁ ଅନୁମୋଦନ କରିବାକୁ ଦେଲେ ନାହିଁ । ରାହୁଲ ଗାନ୍ଧୀ ଏବଂ ଅନ୍ୟଦଳ ଗୁଡିକ ଯେଉଁ ଉତ୍ସବ ପାଳନ କଲେ, ତାକୁ ଯେତେ ନିନ୍ଦା କଲେ କମ ହେବ ଏବଂ ଦେଶବାସୀ କେବେହେଲେ କ୍ଷମା ଦେବେ ନାହିଁ । ବିରୋଧୀମାନେ ବିଲ୍ କୁ ପୁଣି ସମର୍ଥନ କରିବାକୁ ବାଧ ହେବେ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ନାରୀଶକ୍ତି ରାଷ୍ଟ୍ରଶକ୍ତି । ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଅନେକ ପ୍ରଚେଷ୍ଟା କରୁଛନ୍ତି । ବିଜେପି ସଦାସର୍ବଦା ନାରୀମାନଙ୍କ ସମ୍ମାନ ପାଇଁ ଲଢେଇ କରିଛି ।

## ଅଳ୍ପରେ ଖବର

» ପୃଥିବୀ ଦିବସ ପାଳନ ଅବସରରେ ଲୋକଭବନରେ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି ଚାରା ରୋପଣ କରିଛନ୍ତି । ପରିବେଶ ସଂରକ୍ଷଣ ଏବଂ ଏ ଦିଗରେ ସ୍ଥାୟୀ ଅଭ୍ୟାସ ଉପରେ ଧ୍ୟାନ ଦେଇ ପୃଥିବୀ ଦିବସ ପାଳନ କରାଯାଇଛି ।

» ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆମେରିକାର କନସୁଲ୍ ଜେନେରାଲ୍ ମିସ୍ ଲୌରା ବୁଧବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

» ଢେଙ୍କାନାଳ ଜିଲ୍ଲାରେ ସ୍କୁଲ୍ ଛୁଟି ଅବଧିକୁ ବୃଦ୍ଧି କରାଯାଇଛି । ୨୩ରୁ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶିଶୁ ବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ଯାଏଁ ସମସ୍ତ ସ୍କୁଲ ଛୁଟି ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

» ସନ୍ଥ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ପବିତ୍ର ଜୟନ୍ତୀରେ ତାଙ୍କୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ପହଲଗାମ ଆକ୍ରମଣର ପ୍ରଥମ ବାର୍ଷିକୀ

# ଆମର ସାମରିକ ଶକ୍ତି ମଜବୁତ ଅଛି, ଉସ୍କାଇବାକୁ ଚେଷ୍ଟା କଲେ ଛାଡ଼ିବୁନାହିଁ : ରାଜନାଥ ସିଂହ

ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜର୍ମାନୀରେ ପାକିସ୍ତାନ ସମ୍ପର୍କରେ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଆମର ସମସ୍ତ ପଡ଼ୋଶୀ ଠିକ୍ ଅଛନ୍ତି, କେବଳ ଗୋଟିଏ ନୁହେଁ । ପହଲଗାମ ଆକ୍ରମଣର ପ୍ରଥମ ବାର୍ଷିକୀରେ ରାଜନାଥ ସିଂହ କହିଛନ୍ତି ଯେ ଅପରେସନ ସିନ୍ଦୁର ସମୟରେ ଘଟିଥିବା ଚମତ୍କାରର କୌଣସି ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ । ଆମର ସାମରିକ ଶକ୍ତି ମଜବୁତ ହୋଇଛି । ଭାରତ କେବେ କାହା ଉପରେ ଆକ୍ରମଣ କରିନାହିଁ । ଯଦି କୌଣସି ପଡ଼ୋଶୀ ଆମକୁ ଉସୁକାଇବାକୁ ଚେଷ୍ଟା କରେ, ତେବେ ଆମେ ସେମାନଙ୍କୁ ଛାଡ଼ିବୁ ନାହିଁ । ବର୍ଲିନରେ ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କରି ସିଂହ କହିଛନ୍ତି, “ମୁଁ ସାତ କିମ୍ବା ଆଠ ଥର ଆମେରିକା ଗସ୍ତ କରିଛି । ପ୍ରକୃତରେ, ଟ୍ରମ୍ପ ରାଷ୍ଟ୍ରପତି ହେବା



ପରଠାରୁ ମୁଁ ଦୁଇଥର ଆମେରିକା ଗସ୍ତ କରିଛି । ଏହା ମୋର ପ୍ରଥମ ଜର୍ମାନୀ ଗସ୍ତ । ଏଠାକାର ଲୋକମାନେ ଭାରତ ଏବଂ ଜର୍ମାନୀ ମଧ୍ୟରେ ସେତୁ । ଯଦି ଆପଣଙ୍କର ବିଶ୍ୱସନୀୟତା ବୃଦ୍ଧି ପାଏ, ତେବେ ଭାରତର ବିଶ୍ୱସନୀୟତା ବୃଦ୍ଧି ପାଇବ । ଭାରତ ଏବଂ ଜର୍ମାନୀ ମଧ୍ୟରେ ସମ୍ପର୍କ କେବଳ ଗଣତନ୍ତ୍ର ପର୍ଯ୍ୟନ୍ତ ସୀମିତ ନୁହେଁ ।” ରାଜନାଥ ସିଂହ ଆହୁରି କହିଛନ୍ତି ଯେ ଭାରତ ଆଉ ପୂର୍ବ ପରି ଭାରତ ନାହିଁ । ବିଦେଶରେ ଭାରତର ବିଶ୍ୱସନୀୟତା ବୃଦ୍ଧି ପାଇଛି । ଆମେ ଗଣତନ୍ତ୍ର ପ୍ରତି ପ୍ରତିବଦ୍ଧ । ସେ କହିଛନ୍ତି ଯେ ଭାରତ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ସିଷ୍ଟମ ହେବ । ଭାରତରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ମିଳିବ । ରାଜନାଥ ସିଂହ ଜର୍ମାନୀ ଗସ୍ତର ପ୍ରଥମ ଦିନରେ ବର୍ଲିନରେ ଭାରତୀୟ ସମ୍ପ୍ରଦାୟ ସହିତ ସାକ୍ଷାତ କରିଥିଲେ । ସେ ଜର୍ମାନୀରେ ରହୁଥିବା ପ୍ରାୟ ୩୦୦,୦୦୦ ଭାରତୀୟଙ୍କୁ ପ୍ରଶଂସା କରି କହିଥିଲେ ଯେ ଭାରତୀୟ ସମ୍ପ୍ରଦାୟ ଦୁଇ ଦେଶ ମଧ୍ୟରେ ସବୁଠାରୁ ଦୃଢ଼ ସେତୁ । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଜର୍ମାନୀରେ ବସବାସ କରୁଥିବା ଭାରତୀୟମାନେ ବ୍ୟବସାୟ, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ କଳା ଭଳି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି, ଯାହା ଭାରତ ଏବଂ ଜର୍ମାନୀ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରୁଛି । ରାଜନାଥ ସିଂହ ତିନି ଦିନିଆ ଜର୍ମାନୀ ଗସ୍ତରେ ଅଛନ୍ତି ।

# ରବି ୨୦୨୫-୨୬ ପାଇଁ ଡାଲି ଏବଂ ତୈଳବୀଜ କ୍ରୟକୁ ଅନୁମୋଦନ କଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ମଧ୍ୟରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଭାରତ ସରକାର ରବି ୨୦୨୫-୨୬ ପାଇଁ ମୂଲ୍ୟ ସହାୟକ ଯୋଜନା



ଅଧୀନରେ ଡାଲି ଏବଂ ତୈଳବୀଜ କ୍ରୟକୁ ଅନୁମୋଦନ କରିଛନ୍ତି । ଅନୁମୋଦନ ନିମନ୍ତେ ଓଡ଼ିଶା ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ଅନୁଷ୍ଠାନିକ ଭାବେ ଅନୁରୋଧ କରାଯାଇଥିଲା । ଅନୁମୋଦିତ ଫସଲ ମଧ୍ୟରେ ମୁଗ ଏବଂ ବିରି ଭଳି ଡାଲି ଜାତୀୟ ଫସଲ ଏବଂ ସୂର୍ଯ୍ୟମୁଖୀ, ଚିନାବାଦାମ ଓ ସୋରିଷ ଆଦି ତୈଳବୀଜ ଫସଲ ଅନ୍ତର୍ଭୁକ୍ତ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶା ବିଶେଷ କରି କଳାହାଣ୍ଡି ଜିଲ୍ଲାରେ ସୂର୍ଯ୍ୟମୁଖୀ ଉତ୍ପାଦନକୁ ସୁଦୃଢ଼ କରିବା ପାଇଁ ଏବଂ କୃଷକମାନଙ୍କୁ ଉତମ ମୂଲ୍ୟ ସହାୟତା ସୁନିଶ୍ଚିତ କରିବା ପାଇଁ ସୂର୍ଯ୍ୟମୁଖୀର ଉତ୍ପାଦନ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।ରାଜ୍ୟ ସରକାର କୃଷକଙ୍କ ଉତ୍ପାଦଗୁଡ଼ିକୁ ସ୍ୱଚ୍ଛତାର ସହ ସମୟୋଚିତ କ୍ରୟ ସୁନିଶ୍ଚିତ କରିବା ପାଇଁ ରବି ୨୦୨୫-୨୬ ବର୍ଷରେ ମୂଲ୍ୟ ସହାୟକ ଯୋଜନା ଅଧୀନରେ କ୍ରୟ କାର୍ଯ୍ୟର ନିରନ୍ତର ତଦାରଖ କରିବେ, ଯାହା ଦ୍ୱାରା କୃଷକମାନଙ୍କୁ ଉତ୍ପାଦିତ ଫସଲର ଉଚିତ୍ ମୂଲ୍ୟ ପ୍ରଦାନ କରାଯାଇପାରିବ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ କାଲୁଙ୍ଗେ ଗୋରଖ ଓ୍ୱାମନ, କୃଷି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଯୋଗଦେଇଥିଲେ ।

# ରାଜ୍ୟରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଗ୍ରୀଷ୍ମ ଲହରୀ

ଭୁବନେଶ୍ୱର: ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହରୀ ଜାରି ରହିଛି । ଆସନ୍ତା ୪ ଦିନ ଅର୍ଥାତ୍ ୨୫ ତାରିଖ ପର୍ଯ୍ୟନ୍ତ ତାତିରୁ ନିସ୍ତାର ମିଳିବନି । ବୁଧବାର ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ



ଭୀଷଣ ଗୁଳୁଗୁଳି ହେବ । ଆର୍ଦ୍ରତା ଅଧିକ ଯୋଗୁ ଗରମ ଓ ଗୁଳୁଗୁଳି ନାକେଦମ୍ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ମଙ୍ଗଳବାର ୧୫ ସହରରେ ତାପମାତ୍ରା ୪୦ ଡିଗ୍ରୀ ଟପିଛି । ଝାରସୁଗୁଡ଼ାରେ ଦିନ ତାପମାତ୍ରା ସର୍ବାଧିକ ୪୩.୬ ଡିଗ୍ରୀ ରହିଥିଲା । ସମ୍ବଲପୁର ଓ ଟିଟିଲାଗଡ଼ରେ ୪୨.୫, ହୀରାକୁଦରେ ୪୨.୪, ବଲାଙ୍ଗୀରରେ ୪୨.୨, ଅନୁଗୁଳରେ ୪୨.୧ ଓ ସୋନପୁରରେ ୪୧.୭ ଡିଗ୍ରୀ ରେକର୍ଡ ହୋଇଛି । ୨୫ ତାରିଖ ପରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ କମିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ସେହିଭଳି ୨୨ ତାରିଖ(ବୁଧବାର)ଠାରୁ ୨୫ ତାରିଖ ଯାଏ ଦକ୍ଷିଣ ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ରହିବ । ଏହା ପ୍ରଭାବରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହୋଇପାରେ । ୩୦ କିମି ବେଗରେ ପବନ ବି ବହିପାରେ । ଆସନ୍ତା ୨୪ଘଂଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଜଗତସିଂହପୁର, ଖୋରଧା, ନୟାଗଡ଼, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲାକୁ କାଳବୈଶାଖୀ ପାଇଁ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ ।

## ସିବିସି ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ରାଜଭାଷା ହିନ୍ଦୀ କର୍ମଶାଳା

# ହିନ୍ଦୀ ଭାଷା ଜାତୀୟ ସଂହତିର ଏକ ପ୍ରମୁଖ ମାଧ୍ୟମ : ଏଡିଜି ଅଖିଳ କୁମାର ମିଶ୍ର

ଭୁବନେଶ୍ୱର : ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି), ଆଂଚଳିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆଜି ଏକ ‘ରାଜଭାଷା ହିନ୍ଦୀ କର୍ମଶାଳା‘ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ପିଆଇବି ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର କହିଛନ୍ତି, ରାଜଭାଷା ହିନ୍ଦୀର ପ୍ରସାର ଏକ ସାମୂହିକ ଦାୟିତ୍ୱ । ଏଭଳି କର୍ମଶାଳା ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ଗଣମାଧ୍ୟମ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଭାବ ବିନିମୟ, ସମନ୍ୱୟ ଏବଂ ଚିନ୍ତାଧାରା ଆଦାନପ୍ରଦାନ ପାଇଁ ଏକ ପ୍ରଭାବଶାଳୀ ମଂଚ ପ୍ରଦାନ କରିଥାଏ । ଏଭଳି କାର୍ଯ୍ୟକ୍ରମ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଶ୍ରୀ ମିଶ୍ର



କହିଛନ୍ତି, ସାହିତ୍ୟ, ସଙ୍ଗୀତ ଏବଂ ଗଣଯୋଗାଯୋଗ କ୍ଷେତ୍ରରେ ହିନ୍ଦୀ ଭାଷା ତାଙ୍କ ବ୍ୟକ୍ତିଗତ ଏବଂ ବୃତିଗତ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ନିଜ ମାତୃଭାଷା ଓଡ଼ିଆ ପାଇଁ ଗର୍ବ ଅନୁଭବ କରିବା ସହ ସେ ଉଲ୍ଲେଖ କରିଛନ୍ତି ଯେ, ହିନ୍ଦୀ ଭାଷା ଜାତୀୟ ସଂହତି ଏବଂ ଏକତାର ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରେ । ସେ ଅଧିକାରୀମାନଙ୍କୁ ନଥିପତ୍ର, ଚିଠି ଏବଂ ଦୈନନ୍ଦିନ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ସମାଜ ବିଜ୍ଞାନ ପ୍ରଫେସର ଡକ୍ଟର ତପନ ରଞ୍ଜନ ମହାନ୍ତି କହିଥିଲେ, ଭାଷା ହେଉଛି ସାମାଜିକ ଯୋଗାଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ସେ ମତ ଦେଇଛନ୍ତି ଯେ, ଦେଶର ବିଭିନ୍ନ ଭାଷାଭାଷୀ ଲୋକଙ୍କୁ ଯୋଡ଼ିବାରେ ଏବଂ ଶିକ୍ଷା, ନିଯୁକ୍ତି ତଥା ସାଧାରଣ ଜୀବନରେ ଯୋଗାଯୋଗକୁ ସହଜ କରିବାରେ ହିନ୍ଦୀ ଏକ ସଂଯୋଗକାରୀ ଭାଷା ଭାବରେ କାର୍ଯ୍ୟ କରୁଛି । ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଡକ୍ଟର ନଳିନୀ କୁମାର ପାତ୍ର ଜନସମ୍ପର୍କ ଏବଂ ପ୍ରଭାବଶାଳୀ ପ୍ରଶାସନ କ୍ଷେତ୍ରରେ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଯେତେବେଳେ ଭାଷା ସରଳ, ସ୍ୱଚ୍ଛ ଏବଂ ବ୍ୟାବହାରିକ ଭାବରେ ଲୋକଙ୍କ ସହ ଯୋଡ଼ିହୁଏ, ସେତେବେଳେ ଏହା ସାର୍ଥକ ହୋଇଥାଏ । ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଶେଷ ମୁଣ୍ଡରେ ଥିବା ବ୍ୟକ୍ତିଙ୍କ ପାଖରେ ପହଂଚାଇବା ପାଇଁ ହିନ୍ଦୀ ଏକ ସହଜ ମାଧ୍ୟମ । ଭାରତ ସରକାରଙ୍କ ରାଜଭାଷା ବିଭାଗର ସହକାରୀ ନିର୍ଦ୍ଦେଶିକା ସୁଶ୍ରୀ କୀର୍ତି ସିଂ, ଦୈନନ୍ଦିନ ସରକାରୀ କାର୍ଯ୍ୟରେ ସରଳ ହିନ୍ଦୀ ବ୍ୟବହାର କରିବାକୁ ଏବଂ ଉପଲବ୍ଧ ତାଲିମ ତଥା ବୈଷୟିକ ଉପକରଣର ସଦୁପଯୋଗ କରିବାକୁ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କର୍ମଶାଳାରେ ହିନ୍ଦୀ ଲିଖନ ଏବଂ ବକ୍ତୃତା ପ୍ରତିଯୋଗିତା ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଭାଗ ନେଇଥିଲେ ।



ଗୁରୁବାର
୨୩ ଅପ୍ରେଲ ୨୦୨୬

## ଅଂଶୁଘାତ,ସାପକାମୁଡ଼ା ଏବଂ ବଜ୍ରପାତ ଉପରେ ସଚେତନତା ନିମନ୍ତେ ଆଶା ଓ ଅଙ୍ଗନବାଡି କର୍ମୀ ମାନଙ୍କ ଲାଗି ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା



ବାଲେଶ୍ୱର:(ନି.ପ୍ର.) ଆଜି ବାଲେଶ୍ୱର ସ୍ଥିତ ଜ଼ିଲ୍ଲା ଅଡିଟୋରିଓମ ସମ୍ମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ବାଲେଶ୍ୱରଙ୍କ ମିଳିତ ସହଯୋଗ ରେ "ଅଂଶୁଘାତ, ସାପକାମୁଡା ଏବଂ ବଜ୍ରପାତ" ଉପରେ ଜନ ସଚେତନତା ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜ଼ିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ ଯୋଗ ଦେଇଥିଲେ କ୍ଷ ପ୍ରାରମ୍ଭରେ ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ କ୍ଷ ଏହାପରେ ବାଲେଶ୍ୱର ଅତିରିକ୍ତ ଜ଼ିଲ୍ଲାପାଳ ରାଜସ୍ୱ ଶ୍ରୀ ହେମନ୍ତ କୁମାର ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ କି ବିପର୍ଯ୍ୟୟ ପରିଚାଳନା ରେ ବିପଦ ହ୍ରାସ ଆଶା ଓ ଅଙ୍ଗନବାଡି କର୍ମୀ ମାନଙ୍କର ବହୁମୁଖୀ ଭୂମିକା ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ର ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀ କାନ୍ତ ଭୂୟାଁ ଓ ଓଡ୍ରାଫ ବାହିନୀର ସତ୍ୟ ପ୍ରକାଶ ପଣ୍ଡା ପାଓ୍ୱାର ପଏ[ ମାଧମରେ ଅଂଶୁଘାତ,ସାପକାମୁଡା ଏବଂ ବଜ୍ରପାତ ଉପରେ ସଚେତନତା ନିମନ୍ତେ ସମସ୍ତ ବିଷୟ ରେ ଦଳଗତ ଆଲୋଚନା କରିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧରେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଲେଶ୍ୱର, ଓ.ଡ୍ରା.ଫ ବାହିନୀ, ଏନ.ଡି.ଆର.ଫ୍ ବାହିନୀ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସ୍ୱେଚ୍ଛାସେବୀ ସଂଗଠନ, ସହ ବିଭାଗୀୟ ପଦାଧିକାରୀ ଏବଂ ବିଭିନ୍ନ ବ୍ଲକର ୧୦୦ ଜଣ ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ର ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ କ୍ଷ ଏବଂ ପରିଶେଷରେ ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ସିମୁଳିଆରେ ଓୟୁଜେର ସାଙ୍ଗଠନିକ ବୈଠକ : ୬ ନୂତନ ସଦସ୍ୟ ସାମିଲ

ବାଲେଶ୍ୱର(ନି.ପ୍ର.) ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଏକ ବ୍ଲକ ସ୍ତରୀୟ ସାଙ୍ଗଠନିକ ବୈଠକ ସିମୁଳିଆ ପ୍ରେସ କ୍ଲବ୍ ପରିସର ରେ ଅନୁଷ୍ଠିତ ହୋଇଯାଉଛି । ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଅନାମ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ଆଗାମୀ ମଇ ଏକ ତାରିଖରେ ହେବାକୁ ଥିବା ଧାରଣା ସଂମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ପେନସନ ବ୍ୟବସ୍ଥା କରିବା, ଅଧିସ୍ୱୀକୃତି କମିଟି ବୈଠକ ବସାଇବା ସାମ୍ବାଦିକଙ୍କ ପାଇଁ ସୁରକ୍ଷା ଆଇନ ଲାଗୁ କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବିମା ଯୋଜନାର ଅର୍ଥ ୫ଲକ୍ଷରୁ ୧୦ ଲକ୍ଷ୍ୟକୁ ବୃଦ୍ଧି କରିବା, ଏ୍ଂ ବାପା ମା ଙ୍କୁ ସାମିଲ କରିବା ଆଦି ଦାବୀ



ପୂରଣରେ ସରକାରଙ୍କ ଟାଳଟୁଳ ନୀତି ବିରୁଦ୍ଧରେ ଏହି ଧାରଣା ଦିଆଯିବ ବୋଲି ସଂଘର ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ କହିଥିଲେ । ଏହି ଅବସରରେ ସିମୁଳିଆ ପ୍ରେସ କ୍ଲବ୍ ର ସଭାପତି ଭରତ ଚନ୍ଦ୍ର ଦାସ ଓ ସଂପାଦକ ଗଦାଧର ଜେନା ଙ୍କ ସମେତ ୬ ଜଣ ସଦସ୍ୟ ସ୍ୱତଃ ପ୍ରବୃତ ଭାବେ ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବାଲେଶ୍ୱର ଜିଲ୍ଲା ଶାଖା ରେ ସାମିଲ ହୋଇଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ସମସ୍ତ ନୂତନ ସଦସ୍ୟ ଙ୍କୁ ଉତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ ।ଆଗାମୀ ଦିନରେ ସିମୁଳିଆ ସଂଗଠନ କୁ ଅଧିକ ସକ୍ରିୟ କରାଯିବ ବୋଲି ସଂପାଦକ ଗଦାଧର ଜେନା କହିଥିଲେ । ଏହି କାର୍ଯ୍ୟକ୍ରମରେ ୟୁନିଅନର ଜିଲ୍ଲା ଉପସଭାପତି ଉତ୍କଳ ବନ୍ଧୁ ପଣ୍ଡା, ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ବେହେରା, କହ୍ନେଇ ଚରଣ ପ୍ରଧାନ, ସଂଜୟ କୁମାର ବେହେରା, ସନ୍ତୋଷ କୁମାର ପ୍ରଧାନ ମିର ସାବର ଅଲ୍ଲୀ, ଉମାକାନ୍ତ ସେଠୀ, ଯାଦବାନନ୍ଦ ଦାସ, ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥଲେ ।

## ପ୍ରବୀଣ ରାଜନେତା, ଶିକ୍ଷାବିତ୍ ଓ କୁଟନୀତିଜ୍ଞ ଡଃ ଶ୍ୟାମସୁନ୍ଦର ମହାପାତ୍ରଙ୍କ ତିରୋଧାନ ଦିବସ ପାଳିତ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଆଇଟିଆଇ ନିକଟସ୍ଥ ଓଟି ରୋଡ୍ ଠାରେ ସ୍ଥାପିତ ପ୍ରତିମୂ□ ନିକଟରେ ବାଲେଶ୍ୱରର ପୂର୍ବତନ ସାଂସଦ, ବିଧାୟକ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ତିରୋଧାନ ଦିବସ ଆଜି ୨୨ ତାରିଖ ପୂର୍ବାହ୍ନରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରତିମୂ□ରେ ସାମୁହିକ ମାଲ୍ୟାର୍ପଣ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ଡ. ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି କମିଟି, ଓଡ଼ିଶାର ଆବାହକ ବରିଷ୍ଠ ସାମ୍ବାଦିକ ଶ୍ରୀ ବିପ୍ଳବ ମହାନ୍ତି ଶ୍ରଦ୍ଧାଞ୍ଜଳି ସଭାରେ ସଭାପତିତ୍ୱ କରିଥିଲେ । ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, ସମାଜସେବୀ, ରାଜନେତା ଯୋଗଦେଇ ସ୍ୱର୍ଗତଃ ଡ. ମହାପାତ୍ରଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । ସ୍ୱର୍ଗତଃ ଡ. ମହାପାତ୍ର ଲଣ୍ଡନ ସହରର ଗୋଟେ ଦିନର ମେୟର ଉପାଧି ସାଙ୍ଗକୁ, ଆର୍ଜେ□ନା ଦେଶର ଏଲ୍ ମେରିଟୋ ନାଗରିକ ସମ୍ମାନ ଓ ସ୍ୱିଡେନ୍ ଦେଶର ରାଜଧାନୀ ଅଷ୍ଲୋର ନାଗରିକ ସମ୍ମାନ ପ୍ରାପ୍ତ ହୋଇଥିଲେ । ଭାରତବର୍ଷର ଅନ୍ୟ ଦେଶମାନଙ୍କ ସଙ୍ଗେ ସଂପର୍କ



ସ୍ଥାପନା ନିମନ୍ତେ ତାଙ୍କର ନିରନ୍ତ ଉଦ୍ୟମ ନିମନ୍ତେ ତାଙ୍କୁ ବିଭିନ୍ନ ସମୟରେ କେନ୍ଦ୍ର ସରକାରମାନେ ପରାମର୍ଶ ଗ୍ରହଣ କରୁଥିଲେ । ସାଂସଦ ତଥା ବିଧାୟକ ଭାବେ ତାଙ୍କର ଜନସାଧାରଣଙ୍କ ଉନ୍ନତି କଳ୍ପେ କାର୍ଯ୍ୟ ପ୍ରଶଂସନୀୟ । ଡ. ମହାପାତ୍ରଙ୍କ ତିରୋଧାନ ଦିବସ ଶ୍ରଦ୍ଧାଞ୍ଜଳି ସଭାରେ ବାଲେଶ୍ୱର ଜିଲ୍ଲା ପରିଷଦର ପୂର୍ବତନ ସଭାପତି ଶ୍ରୀ ଗିରିଶ ଚନ୍ଦ୍ର ଦାଶ, ପୂର୍ବତନ ଲୋକପାଳ ଶ୍ରୀ ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ଶିରିଶ ଚନ୍ଦ୍ର ଜେନା, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଡ. ଶତ୍ରୁଘ୍ନ ମଲ୍ଲିକ, ଶ୍ରୀ ସମରେନ୍ଦ୍ର ଦାସ, ଶ୍ରୀ ପ୍ରଫୁଲ୍ଲ ଦାସ, ଶ୍ରୀ ବିଜୟ କୁମାର ଦାସ ଅଧିକାରୀ, ଶ୍ରୀ ସଞ୍ଜୟ କୁମାର ପଣ୍ଡା, ଶ୍ରୀ ପ୍ରଭାକର ସାହୁ, ଶ୍ରୀମତୀ କଲ୍ୟାଣୀ ନନ୍ଦ, ସୁଶ୍ରୀ ଗୀତାଞ୍ଜଳି ସିଂ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଶ୍ରୀ ପ୍ରତାପ ମହାପାତ୍ର, ଶ୍ରୀ ଜଗନ୍ନାଥ ସାହୁ, ଶ୍ରୀ ନିରଞ୍ଜନ ପରିଡ଼ା, ଡ. ଦୟାନିଧି ମହାପାତ୍ର, ଶ୍ରୀ ଯତୀନ୍ କୁମାର ପାତ୍ର, ଶ୍ରୀମତୀ ସୁନାମଣି ଜେନା, ଶ୍ରୀ ରାଧାକୃଷ୍ଣ ଦାସ, ଶ୍ରୀ ତ୍ରିଦିବ ନାୟକ, ଶ୍ରୀ ଅକ୍ଷୟ ପତି, ଶ୍ରୀ ସନ୍ଦୀପ କୁମାର ସିଂ ବାବୁ, ଶ୍ରୀ ସୀତାରାମ ପ୍ରଧାନ, ଶ୍ରୀ ବିଜୟ ପାଣି, ଶ୍ରୀ କମଳ ଲୋଚନ ଦାସ, ଶ୍ରୀମତୀ ସ୍ୱୀଟୀ ବାରିକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ମହାପାତ୍ରଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀ ଶୁଭଙ୍କର ମହାପାତ୍ର ପରିବାର ପକ୍ଷରୁ ସ୍ମୃତିଚାରଣ କରିବା ସହିତ ତାଙ୍କ ପିତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା କଥା କହିଥିଲେ । 'ଯୁଗଶ୍ରୀ ଟ୍ରଷ୍ଟ'ର ସଂପାଦିକା ଶ୍ରୀମତୀ ମମତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ୭୮ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଓ ବାସ୍କେଟବଲ ଚାମ୍ପିୟନସିପ୍-୨୦୨୬-୨୭ରେ ୨୦ଜଣ ରେଫେରୀଙ୍କ ଯୋଗଦାନ



ବାଲେଶ୍ୱର,(ନି.ପ୍ର.) ଦ୍ୱିତୀୟ ଦିବସରେ ଧୁମଧାମରେ ଚାଲିଛି ଭଲି ବାସ୍କେଟବଲ ପ୍ରତିଯୋଗିତା । ପ୍ରଥମକରି ରାଜ୍ୟର ବାଲେଶ୍ୱର ଜିଲ୍ଲାର ପୋଲିସ ପଡ଼ିଆରେ ୭୮ତମ ପୋଲିସ ଭଲିବଲ ଓ ବାସ୍କେଟବଲ ଚାମ୍ପିୟନସିପ୍ ୨୦୨୬-୨୭, ୨୧ ତାରିଖ ସକାଳେ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ବାଲେଶ୍ୱରର ଆରକ୍ଷୀ



ଅଧିକ୍ଷକ ପ୍ରତ୍ୟୁଷ ଦିଓ୍ୱାକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ଯୋଗଦେଇ ସମ୍ମିଳିତ କ୍ରୀଡ଼ାବିତମାନଙ୍କ ପ୍ୟାରେଡ ଅଭିବାଦନ ଗ୍ରହଣ କରବା ପରେ ବକ୍ତବ୍ୟରେ କହିଥିଲେ କି, ତାଙ୍କର ଚାକିରିକାଳ ମଧ୍ୟରେ ଐତିହ୍ୟ ସମ୍ପନ୍ନ ବାଲେଶ୍ୱର ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏଭଳି କ୍ରୀଡ଼ା କାର୍ଯ୍ୟକ୍ରମ ଓ ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗର୍ବ ଅନୁଭବ କରୁଛନ୍ତି । କାରଣ ପୋଲିସ ବିଭାଗରେ କାର୍ଯ୍ୟରତକର୍ମଚାରୀମାନେ ତାଙ୍କର ଦୈନନ୍ଦିନ ଜୀବନଶୈଳୀରେ ଜଣେ ଉତ୍କୃଷ୍ଟ କ୍ରୀଡ଼ାବିତ୍ ଭାବେ ନିଜକୁ ପ୍ରତିପାଦିତ କରି ସ୍ୱାସ୍ଥ୍ୟ ସୁରକ୍ଷା, ଦେଶ ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା, କର୍ତବ୍ୟ ପରାୟଣତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ପୂର୍ବାଂଚଳ ଜୋନ ପକ୍ଷରୁ ଡିଆଇଜି ପିନାକ ମିଶ୍ର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସାଧୁବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ୨୧ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଦୈନନ୍ଦିନ ତିନି କ୍ୟାଟେଗରିରେ ଖେଳ ହେବ । ପୂର୍ବାହ୍ନ ୯ଟା, ୬ଟା, ୭ଟା, ଅପରାହ୍ନ ୫ଟା, ସଂଧ୍ୟା ୬ଟା, ରାତ୍ର ୭ଟା, ରାତ୍ର ୯ଟାରୁ ୧୦ଟା ମଧ୍ୟରେ ଖେଳ ଶେଷ ହେବ । ଏହି କାର୍ଯ୍ୟକ୍ରମରେ ମୋଟ ୨୭ଗୋଟି ଟିମ ଭାଗ ନେଇଛନ୍ତି । ସେମାନେ ହେଲେ ଝାରସୁଗୁଡ଼ା, ମାଲକାନାଗିରି, ମୟୂରଭଂଜ,ପୁରୀ, ରାଉରକେଲା, କୋରାପୁଟ, ବାରିପଦା, କଟକ, ଛତ୍ରପୁର, ଯାଜପୁର ଦେଓଘର, ଖୋର୍ଦ୍ଧା, କୋରାପୁଟ, ଭୁବନେଶ୍ୱର, ଗଜପତି, କଳାହାଣ୍ଡି, ଭଦ୍ରକ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କମିଶନରେଟ ପୋଲିସ ପ୍ରମୁଖ ସେକ୍ଟରରୁ ୨୭ଗୋଟି ଟିମ୍ ଭାଗ ନେଇଛନ୍ତି ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଧରିତ୍ରୀ ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.)ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପୃଥିବୀ ଦିବସ ପାଳନ ଅବସରରେ ଭୂବିଜ୍ଞାନ, ଭୂଗୋଳ, ପଦାର୍ଥ ବିଜ୍ଞାନ ଓ ବାୟୁମଣ୍ଡଳ ବିଜ୍ଞାନ ପି.ଜି. ବିଭାଗମାନଙ୍କ ମିଳିତ ଉଦ୍ୟମରେ ତଥା ନର୍ଥ ଓଡିଶା ଚେମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି (ନୋସି) ସହଯୋଗରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରି, ନିଜ ଉଦବୋଧନରେ ସସ୍ଥିରତା ପାଇଁ ସାମୁହିକ ଦାୟିତ୍ୱ ଓ ସଂସ୍ଥାଗତ ପ୍ରତିବଦ୍ଧତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି, ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ପରିବେଶ ସୁରକ୍ଷାର ଦୂତ ହେବାକୁ ଆହ୍ୱାନ କରିଥିଲେ । ଅନୁସଙ୍ଗୀ ପ୍ରାଧାପକ (ଭୂବିଜ୍ଞାନ) ପ୍ରଫେସର ଆ଼ି.ଏନ୍. ହୋତା, ସସ୍ଥିର ସମ୍ପଦ ପରିଚାଳନାରେ ଭୂବୈଜ୍ଞାନିକ ଜ୍ଞାନର ଗୁରୁତ୍ୱ ଉଲ୍ଲେଖ କରି ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର ପ୍ରତି ସତର୍କ କରିଥିଲେ । ପରିବେଶ ବିଜ୍ଞାନ ବିଭାଗମୁଖ୍ୟ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର






ପରିବେଶିକ ଜୀବନଶୈଳୀର ଆବଶ୍ୟକତା ଉପରେ ମତ ଦେଇ ଶକ୍ତିଶାଳୀ ପରିବେଶ ନୀତି ଓ ସାଧାରଣ ଲୋକଙ୍କ ସକ୍ରିୟ ଭାଗୀଦାରିକୁ ଉଲ୍ଲେଖ କରିଥିଲେ । ଭୂଗୋଳ ବିଭାଗମୁଖ୍ୟ ପ୍ରଫେସର ମନୋରଞ୍ଜନ ମିଶ୍ର ଜଳବାୟୁ ପରିବର୍ତନର ଆଂଚଳିକ ପରିସ୍ଥିତିତନ୍ତ୍ର ଉପରେ ପ୍ରଭାବ ଓ ବିପଦ ପ୍ରସ୍ତୁତି ଓ ପ୍ରତିକାରରେ ଭୂଗୋଳ ଅଧ୍ୟୟନର ଭୂମିକା ବିଷୟରେ କହିଥିଲେ । ରସାୟନ ବିଭାଗମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାରହୀ, ପରିବେଶ ପ୍ରଦୂଷଣ କମେଇବାରେ ହରିତ୍ ରସାୟନର ଭୂମିକା ଉଲ୍ଲେଖ କରି ସୁସ୍ଥିର ପ୍ରଯୁକ୍ତିରେ ନବୀନତାକୁ ଅବଗତ କରାଇଥିଲେ । ସମ୍ମାନୀତ ଅତିଥି ପ୍ରଫେସର ସନ୍ତୋଷ ଅଗ୍ରଓ୍ୱାଲା, ସ୍ନାତକୋତର ପରିଷଦର ଅଧକ୍ଷ (ଭାରପ୍ରାପ୍ତ), ଛାତ୍ରଛାତ୍ରୀମାନଙ୍କ ମଧରେ ପରିବେଶ ସଚେତନତା ବୃଦ୍ଧି ଓ ଗବେଷଣାଭିତିକ ସମାଧାନକୁ ପ୍ରୋତ୍ସାହନ ଦେବାରେ ଶିକ୍ଷାକ୍ଷେତ୍ରର ଦାୟିତ୍ୱ ଉପରେ ଅଭିଭାଷଣ ଦେଇଥିଲେ । ନୋସି ର ଉପାଧକ୍ଷ ଶ୍ରୀ ସୁବ୍ରତ ନାୟକ ଓ ବରିଷ୍ଠ ସଦସ୍ୟା ଶ୍ରୀମତୀ ନୀନା ସିଂହ, ଶିଳ୍ପ ଓ ଶିକ୍ଷାକ୍ଷେତ୍ରର ସହଯୋଗ ଉପରେ ଗୁରୁତ୍ୱ ଦେଇ ସୁସ୍ଥିର ଶିଳ୍ପ ପ୍ରଚଳନା ଓ ପରିବେଶ ସୁରକ୍ଷା ପ୍ରତି କର୍ପୋରେଟ ଦାୟିତ୍ୱକୁ ଉପସ୍ଥାପନ କରିଥିଲେ ।

ମୁଖ୍ୟ ବକ୍ତା ଡ଼କ୍ଟର କମଳାକାନ୍ତ ଜେନା ସାଧାରଣ ଲୋକଙ୍କ ପାଖରେ ବିଜ୍ଞାନକୁ ସହଜରେ ପହଂଚାଇବା ଓ ତଳସ୍ତରରେ ପରିବେଶୀୟ ପଦକ୍ଷେପକୁ ପ୍ରେରିତ କରିବା ବିଷୟରେ ଆକର୍ଷଣୀୟ ଉଦ୍ବୋଧନ ଦେଇଥିଲେ । କାର୍ଯ୍ୟକ୍ରମଟି ଡ଼ା. ବିବେକାନନ୍ଦ ନାୟକଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ ସହ ଆରମ୍ଭ ହୋଇଥିଲା ଓ ଭୂବିଜ୍ଞାନ ବିଭାଗମୁଖ୍ୟ ପ୍ରଫେସର ରୋଜାଲିନ ଦାସ ସ୍ୱାଗତ ଭାଷଣ ଦେଇ ପରିବେଶ ସମସ୍ୟା ଓ ସମାଧାନ ସଂପର୍କିତ ସବିଶେଷ ତଥ୍ୟ ଦେଇଥିଲେ । ଏହି ଅବସରରେ ଧରିତ୍ରୀ ଦିବସ ପାଇଁ ପ୍ରତିଜ୍ଞା ଗ୍ରହଣ କରାଯାଇ ସମସ୍ତେ ପୃଥିବୀ ସୁରକ୍ଷା ପ୍ରତି ନିଜନିଜ ସ୍ତରରେ ପ୍ରତିବଦ୍ଧିତ କହୋଇଥିଲେ । ଧରିତ୍ରୀ ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନଙ୍କ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମଟି ସମାପ୍ତ ହୋଇଥିଲା ।

## ଟାଉନପୋଲିସ କବ୍‌ଜାରେ ୨ ଲୁଟେରା

ବାଲେଶ୍ୱର,(ନି.ପ୍ର.) ଟାଉନଥାନା ଅନ୍ତର୍ଗତ କାଦରାବାଦ ଅଂଚଳର ଅଂଜଳି ମହାନ୍ତି ଟାଉନଥାନାରେ ଅଭିଯୋଗ କରିଥିଲେ କି, ଗତ ୨୦.୪.୨୬ ତାରିଖ ଦିନ ପୂର୍ବାହ୍ନ ୧୧ଘଟିକା ସମୟରେ ସେ ରାସ୍ତାରେ ଆସୁଥିବା ସମୟରେ ମହୁଲପଡ଼ିଆ ଛକ ନିକଟରେ ୩ଜଣ ଯୁବକ ଏକ ମୋଟରସାଇକେଲରେ ଆସି ତାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିବା ସହ ଏକ ମୋବାଇଲ ଛଡ଼ାଇ ନେଇଥିଲେ । ଅଭିଯୋଗକାରିଣୀ ଅଂଜଳି ମହାନ୍ତି ଟାଉନଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୧୫୨/୩୦୯(୬) ବିଏନଏସ ମୂଳେଏକ ମାମଲା ରୁଜୁ କରାଯାଇଥିଲା । ଏହି ଘଟଣାରେ ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତ ସେଖ ହାଇଦର ଓ ସେଖ ତୌଫିକ୍ ଦୁଇଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ଗୋଟିଏ ୟାମା ମୋଟରସାଇକେଲ, ୩/୪ଟି ମୋବାଇଲ ଜବତ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ଅଭିଯୁକ୍ତମାନଙ୍କ ଘର ସୁନହଟ ଏବଂ ଉଷାମେଢ଼ ରୋଡ଼ ବୋଲି ଜଣାପଡ଼ିଛି ।






## ରାଜ୍ୟସ୍ତରୀୟ ହକି ଚାମ୍ପିଅନସିପ୍: ରାଉରକେଲା ଅଭିମୁଖେ ଯାତ୍ରା କଲେ ବାଲେଶ୍ୱର ଜୁନିୟର ମହିଳା ଦଳ

ବାଲେଶ୍ୱର, (ନି.ପ୍ର.)ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଥିବା ୫ମ ରାଜ୍ୟସ୍ତରୀୟ ଜୁନିୟର ମହିଳା ହକି ଚାମ୍ପିଅନସିପ୍-୨୦୨୬ ରେ ଭାଗ ନେବା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ଦଳ ରାଉରକେଲା ଯାତ୍ରା କରିଛି ।ଏହି ପ୍ରତିଯୋଗିତା ଆସନ୍ତା ଏପ୍ରିଲ ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି ଅବସରରେ ବାଲେଶ୍ୱରର ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଜିଲ୍ଲା କ୍ରୀଡ଼ା ସଂଘର ଉପ ସଭାପତି ଶ୍ରୀ ଜଗଦୀଶ ବେହେରା ଦଳକୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିମାନଙ୍କର ଉତ୍ସାହ ବଢ଼ାଇଛନ୍ତି ।'ଆମର ଆଶା ଓ ବିଶ୍ୱାସ ଅଛି ଯେ ବାଲେଶ୍ୱରର ଏହି ପ୍ରତିଭାଶାଳୀ ଖେଳାଳିମାନେ ରାଜ୍ୟସ୍ତରରେ ଉତମ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବେ ବୋଲି ଆଶା ରଖିଛନ୍ତି ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ହକି ସଂଘ ।ଏହି ଯାତ୍ରା ସମୟରେ ଜିଲ୍ଲା କ୍ରୀଡ଼ା ବିଭାଗର ଅନ୍ୟାନ୍ୟ କର୍ମକର୍ତାମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ବାଲେଶ୍ୱରର କ୍ରୀଡ଼ାପ୍ରେମୀମାନେ ମଧ ଦଳର ସଫଳତା କାମନା କରିଛନ୍ତି ।



## ଗୋଟାଏ ଦିନରେ ୨ ଜଣ ଶିକ୍ଷକଙ୍କ ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାଲେଶ୍ୱର/ ବାଲିଆପାଳ, (ନି.ପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଂଚାୟତର କଟରାମହଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ପଢିଆରୀ ଓ ସହକାରୀ ଶିକ୍ଷକ ଶ୍ରୀ ସରୋଜ କୁମାର ପ୍ରଧାନ ଙ୍କୁ ବୁଧବାର ପୂର୍ବାହ୍ନ ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସର ରେ କଟରାମହଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବରେନ୍ଦ୍ର ନାଥ ଦଳାଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟୀକାଳୀନ ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା , ମୁଖ୍ୟ ବକ୍ତା ଭାବେ ଲତା ଯୋଡ଼ି ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ,ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷକ ଧିରେନ୍ଦ୍ର ନାଥ ହାଜିରା , ପ୍ରାକ୍ତନ ଶିକ୍ଷକ ବରେନ୍ଦ୍ର ନାଥ ରାଉତ, ସାମାଜିକ କର୍ମୀ ଚକ୍ରଧର ଗିରି, ରଞ୍ଜନ କୁମାର ବେହେରା,ସିଆରସିସି ଶମ୍ଭୁ ନାଥ ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରଦୀପ ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ଶ୍ରୀ ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦୟୀ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରାଯାଇ ବାଦ୍ୟ ଓ ନୃତ୍ୟ ର ତାଳେ ତାଳେ ଏକ ବିଶାଳ ପଟୁଆରରେ ତାଙ୍କ ବାସଭବନକୁ ପହଂଚା ଯାଇଥିଲା ।




# ହେରୋଇନ୍ ଜବତ, ଗିରଫ ହେଲେ ନିଶା ବେପାରୀ



ଜଗତସିଂହପୁର(ନିପ୍ର): ଜଗତସିଂହପୁର ଥାନା ଅନ୍ତର୍ଗତ ଓହଳ ଗ୍ରାମରରେ ବଡ ଧରଣର ଚଢଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା । ଯାଂଚ ପରେ ତାଙ୍କ ପାଖରୁ ୧୨୧ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଓହଳ ଗ୍ରାମର ମିର୍ଜା ଜୁଲଫିକର ବେଗ୍ ଦୀର୍ଘ ଦିନ ଧରି ଆଖପାଖ ଅଂଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଥାନାର ଉପନିରିକ୍ଷକ ଭାଗ୍ୟଲକ୍ଷ୍ମୀ ଦଳାଇ ଙ୍କ ନେତୃତ୍ୱରର ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ଓହଳସ୍ଥିତ କୋର୍ଟ ଷ୍ଟାପ କଲୋନି ନିକଟରେ ମାଡ଼ି ବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ଓହଳ ଗ୍ରାମର ସ୍ୱର୍ଗତ ମିର୍ଜା ସିରାଜ ବେଗ୍‌ଙ୍କ ପୁତ୍ର ମିର୍ଜା ଜୁଲଫିକର ବେଗ୍ (୩୨) । ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧୨,୧୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇଛନ୍ତି । ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ଏହି ବ୍ୟବସାୟ ସହିତ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି । ଅବକାରୀ ବିଭାଗକୁ ଅଭିଯୁକ୍ତ ମାନଙ୍କର ଲୋକେସନ ଏବଂ କଲ ଟ୍ରାକିଙ୍ଗର ସୁବିଧା ପ୍ରଦାନ କରଗଲେ ଅବକାରୀ ବିଭାଗ ଅଧିକ କ୍ରିୟାଶୀଳ ହୋଇ ପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଉଛି ।

# ନିଶାମୁକ୍ତ ଓଡ଼ିଶା ଲକ୍ଷ୍ୟରେ କଂଗ୍ରେସର ଜନଜାଗରଣ ଅଭିଯାନ



ଧାମନଗର(ନିପ୍ର): ରାଜ୍ୟ କଂଗ୍ରେସର ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଧାମନଗରରେ "ନିଶାମୁକ୍ତ ଜନ ଜାଗରଣ ଅଭିଯାନ" ବୁଧବାର ଆୟୋଜିତ ହୋଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଏବଂ ରାଜ୍ୟ ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେତାମାନେ ଅସୁରାଳି, ଧୁଶୁରୀ ଓ ପାଳସାହି ଅଂଚଳରେ ଲୋକମାନଙ୍କୁ ନିଶାବିରୋଧୀ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ପରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ବାସଭବନରେ ଏକ ସଚେତନ ବୈଠକ କରାଯାଇ ଅଭିଯାନର ଲକ୍ଷ୍ୟ ଓ ପ୍ରଗତି ସମ୍ପର୍କରେ ଅବଗତ କରାଯାଇଥିଲା । ଭଦ୍ରକ ଜିଲ୍ଲାରେ ଦୁଇ ଦିନ ଧରି ଚାଲିଥିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ନିଶାମୁକ୍ତ ଓଡ଼ିଶା ଗଠନ ସହ ଯୁବ ପିଢ଼ୀଙ୍କୁ ନିଶାରୁ ଦୂରେଇ ରଖିବା । ମଦ୍ୟପାନକୁ ଅନେକ ସାମାଜିକ ସମସ୍ୟା ଓ ଅପରାଧ ମୂଳ କାରଣ ଭାବେ ଚିହ୍ନଟ କରି, ଖୋଲା ଓ ଚୋରା ମଦ ବ୍ୟବସାୟ ରୋକିବା ପାଇଁ ସଚେତନତା ଆବଶ୍ୟକ ଓ ସରକାର ନିର୍ବାଚନୀ ମୁଦାରେ ଦେଇଥିବା ପ୍ରତିଶ୍ରୁତି ଓଡିଶାରୁ ମଦ ବନ୍ଦ କରିବା ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି କର୍ମୀମାନେ ମତ ପ୍ରକାଶ କରିଥିଲେ ।ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସହ ବିଦ୍ୟାଧର ଜେନା, ଅଭିଷେକ ରାଉତ, ଆଶିଷ କୁମାର ମଲ୍ଲିକ, ରାଜେନ୍ଦ୍ର ଜେନା, ରଞ୍ଜନ ଜେନା, ଜାନକୀ ମଲ୍ଲିକ, ଦେବେନ୍ଦ୍ର ମହାନ୍ତି, ହରିହର ମଣ୍ଡଳ, ପୀତବାସ ଧଳ, ବିଜୟ ବାରିକ, ସଂଗ୍ରାମ କେଶୋରି ନାୟକ, ବିଶ୍ୱଜିତ ସ୍ୱାଇଁ, ରବିନ୍ଦ୍ର ମଲ୍ଲିକ, ଦୀନବନ୍ଧୁ ଦାସ, ମାନସ ତରାଇ ଓ ସଞ୍ଜିତ ବାରିକ ସମେତ ବହୁ ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଯଶୋବନ୍ତ ସେବାଶ୍ରମ ପ୍ରତିଷ୍ଠା

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତନା ପଂଚାୟତ ଅଧୀନ ତାଳକୁରୁଆ ଗ୍ରାମରେ ଶିକ୍ଷକ ମାୟାଧର ସାହୁ ଙ୍କ ସଂଚିତ ଅର୍ଥରେ ଏବଂ ପିତାଙ୍କ ସ୍ମୃତିରେ ନିର୍ମିତ ଯଶୋବନ୍ତ ସେବାଶ୍ରମ ସୋମବାର ଦିନ ଶଙ୍ଖ ହୁଳହୁଳି ବେଦମନ୍ତ୍ର ଧ୍ୱନି ମଧ୍ୟରେ ଉଦଘାଟିତ ହୋଇ ଯାଇଛି । ସକାଳେ ଘଟୋତଳ କରାଯାଇ ଥିବା ବେଳେ ପୁର୍ବାହ୍ନରେ କୃଷ୍ଣଚନ୍ଦ୍ର ପତ୍ରୀ, ବିଭୁତି ତ୍ରିପାଠୀ, ଶ୍ୟାମସୁନ୍ଦର ପଣ୍ଡା ଓ ଅଭିମନ୍ୟୁ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ କରାଯାଇ ଥିଲା । ପରେ ମାୟାଧର ସାହୁ, ସାଗର ସାହୁ, ଅଶୋକ ସାହୁ, ଗୟାଧର ସାହୁ, ଅଜିତ କୁମାର ସାହୁ ଓ ଅଭିମନ୍ୟୁ ସାହୁ ଙ୍କ ଉପସ୍ଥିତରେ ପରିଚାଳନା କମିଟି ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ଷଡାନନ ପାଣିଗ୍ରାହୀ ପ୍ରମୁଖ ସେବାଶ୍ରମର ଉଦ୍‌ଘାଟନ କରିଥିଲେ । ପୁର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ କଂଗ୍ରେସ ବିଧାୟକ ପ୍ରାର୍ଥି ହିମାଂଶୁ ଶେଖର ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସାହାଯ୍ୟ ସହଯୋଗ ପାଇଁ ପ୍ରତିଶୃତି ଦେଇଥିଲେ । ଧନଞ୍ଜୟ ପଣ୍ଡା, ସମ୍ଭୁନାଥ ନାୟକ, ଶୁଭ୍ରାଂଶୁ ମହାପାତ୍ରଙ୍କ ସମେତ ପରିଚାଳନା କମିଟି ଓ ଗ୍ରାମବାସୀ ଏହି ମନନୀୟ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା ।

# କୋଷ୍ଟାଲ ମାରାଥନ ବିଜେତାଙ୍କୁ ଏକକୋଟିର ପୁରସ୍କାର ରାଶି : ଉପ ମୁଖ୍ୟମନ୍ତ୍ରୀ




ପୁରୀ(ନିପ୍ର): କୋଷ୍ଟାଲ ମାରାଥନ ଓଡିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ । ଏହି ମାରାଥନ ପୁରୀରେ ଆସନ୍ତା ଡିସେମ୍ବର ୧୩ ତାରିଖ ଦ୍ୱିତୀୟ ରବିବାର ଅନୁଷ୍ଠିତ ହେବାକୁ ଯାଉଛି ।ମାରାଥନ ର ବିଜେତା ଙ୍କୁ ଏକ କୋଟି ର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମସି ସହଯୋଗରେ ପୁରୀ କୋଷ୍ଟାଲ ମାରାଥନ ନାମରେ ଏକ ମେଗା ବା ବୃହତ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସଚେତନତା ଉଦ୍ଦେଶ୍ୟରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରୁ ତାଜ ହୋଟେଲ ପର୍ଯ୍ୟନ୍ତ ମାରାଥନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗ ଦେଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଦ୍ୱାରା ବାଲୁକା କଳାରେ ପ୍ରସ୍ତୁତ ଏହି ଲୋଗୋକୁ ଉଦଘାଟନ କରିଥିଲେ । ପରେ ଉପ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥି ମାନେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ପତାକା ଦେଖାଇ ମାରାଥନ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ମାରାଥନ ରେ ଅଂଶ ଗ୍ରହଣକାରୀ ମାନେ ପହଂଚିବା ପରେ ତାଜ ହୋଟେଲ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଟ୍ୟାଗ ଲାଇନ 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା'କୁ ଉନ୍ମୋଚନ କରାଯାଇଥିବା ବେଳେ ଓଡିଶା ପର୍ଯ୍ୟଟନ ବିଭାଗ ଓଏମସି ଦ୍ୱାରା ହେବାକୁ ଥିବା ଏହି କୋଷ୍ଟାଲ ମାରାଥନ ରେ ଭାଗ ନେବା ପାଇଁ ବିଭିନ୍ନ କ୍ରୀଡ଼ାବିତ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜ ବକ୍ତବ୍ୟ ରେ ପର୍ଯ୍ୟଟନ ଆମ ଜୀବନ ରେଖା । ପୁରୀ ପାଇଁ ମହାପ୍ରଭୁଙ୍କ ଦର୍ଶନ ସହ ପର୍ଯ୍ୟଟନ ପାଇଁ ଲୋକ ମାନେ ଆସିଥାନ୍ତି । ତେଣୁ ଆମକୁ ଏପରି ଭାବରେ ପର୍ଯ୍ୟଟନର ବିକାଶ କରିବାକୁ ପଡିବ ଯାହା ଅଧିକ ପର୍ଯ୍ୟଟକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପୁରୀ ଓ ଓଡିଶା ରେ ରହିବାକୁ ଉତ୍ସାହିତ କରିବ ବୋଲି କହିଥିଲେ । ପର୍ଯ୍ୟଟନ ବିଭାଗ ର ପୂର୍ବାପେକ୍ଷା ବଜେଟ କୁ ବୃଦ୍ଧି କରି ହଜାରେ କୋଟି ରେ ପହଂଚାଯାଇଛି । ପର୍ଯ୍ୟଟନକୁ ଆଉ ସିକ୍ରେଟ ଭାବେ ନ ରଖି ସାର୍ବଜନୀନ କରି ପର୍ଯ୍ୟଟକ ମାନ ଙ୍କୁ ଆକର୍ଷିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ବିଭିନ୍ନ ସ୍ଥାନରେ ଏହି ଭଳି ଡମି ମାରାଥନ ମାଧ୍ୟମରେ ସଚେତନ ଓ ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଓଡିଶା ରେ ପର୍ଯ୍ୟଟନ ର ବିପୁଳ ଭଣ୍ଡାର ରହିଥିବା ବେଳେ ଏହାର ବିକାଶ ଓ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବାର ପ୍ରୟାସ ସ୍ୱାଗତଯୋଗ୍ୟ । ଏହା ଦ୍ୱାରା ଆର୍ଥିକ ଅଗ୍ରଗତି ଘଟିବା ସହ ରାଜ୍ୟ, ଜିଲ୍ଲା ଓ ସ୍ଥାନୀୟ ଅର୍ଥନୀତି କୁ ପ୍ରୋତ୍ସାହନ ମିଳିବ ବୋଲି କହିଥିଲେ କ୍ଷ ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ, ଡିଏଫଓ ଧନଜ ରାକୋସ ମଗର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ କ୍ରୀଡାବିତ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।

# ବାଲୁକେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଂଚାୟତ ଅଧୀନ ହରନବାବି ସ୍ଥିତ ବାବା ବାଲୁକେଶ୍ୱର ପୀଠରେ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ମୁଖ୍ୟକର୍ତ୍ତା ଚୈତନ୍ୟ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଲିପୁର ଗ୍ରାମର ସର ପୋଖରୀରୁ ୩୦ଜଣ ବ୍ରତୀଙ୍କ ଦ୍ୱାରା ଘଟୋତଳନ ପରେ ଗ୍ରାମର ଆରାଧ୍ୟ ଦେବତା ଶ୍ୟାମରାଈ ଓ ହରନବାବୀ ଗ୍ରାମର ନୃସିଂହଙ୍କୁ ଏକ ଶୋଭାଯାତ୍ରାରେ ବାଜାରୋଷଣି ଓ ଶଙ୍ଖହୁଳହୁଳି ଧ୍ୱନୀ ମଧ୍ୟରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା । ବାଲୁକେଶ୍ୱରଙ୍କ ପୂଜାର୍ଚ୍ଚନା ପରେ ଗୌରଚନ୍ଦ୍ର ପାଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଶୋକାନନ୍ଦ ଦାଶ, ଜନ୍ମେଜୟ ଦାଶ, ଶରତ ପଣ୍ଡା, ଆକାଶ ପଣ୍ଡା ଓ ଜୟନ୍ତ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ବାବା ବାଲୁକେଶ୍ୱର ମହାଯଜ୍ଞ କମିଟିର ସଭାପତି ପ୍ରବିର କୁମାର ବେହେରା, ସମ୍ପାଦକ ଭରତ ଚନ୍ଦ୍ର କଟୁଆଳଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ।

# ସର୍ଭେ ସମୟରେ ବୁଲା କୁକୁର ଆକ୍ରମଣରେ ଶିକ୍ଷକ ଆହତ

ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଧୀନ ବାହାନଡା ଅଂଚଳରେ ସର୍ଭେ କାର୍ଯ୍ୟ ସମୟରେ ଜଣେ ଶିକ୍ଷକ ବୁଲା କୁକୁର ଆକ୍ରମଣରେ ଆହତ ହେବା ଘଟଣା ସ୍ଥାନୀୟ ଅଂଚଳରେ ଚିନ୍ତାର ବିଷୟ ପାଲଟିଛି । ସୂଚନା ମୁତାବକ, ଦହିକୋଟି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗଣେଶ୍ୱର ମହାନ୍ତ ବାହାନଡା ଅଂଚଳର ୨୦ ନମ୍ବର ଇନ୍ୟୁମେରେଟର ଭାବେ ସରକାରୀ ସର୍ଭେ କାର୍ଯ୍ୟରେ ନିୟୋଜିତ ଥିଲେ । ସେ ସର୍ଭେ କାମ କରୁଥିବା ସମୟରେ ହଠାତ୍ ଏକ ବୁଲା କୁକୁର ତାଙ୍କୁ ଆକ୍ରମଣ କରିଥିଲା । ଏଥିରେ ସେ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ବେତନଟୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କୁ ପ୍ରଥମିକ ଚିକିତ୍ସା ସହ ଆଂଟି-ରେବିଜ୍ ଟିକା ପ୍ରଦାନ କରାଯାଇ ଥିବା ସୂଚନା ମିଳିଛି । ଘଟଣା ପରେ ବାହାନଡା ଅଂଚଳରେ ବୁଲା କୁକୁର ଉତ୍ପାତ ନେଇ ଚିନ୍ତା ବୃଦ୍ଧି ପାଇଛି ।

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj dated 21.04.2026 I, Radhashyam Murmu, S/o- Seral Chandra Murmu permanent resident of Village-kenduhata, Po- Salbani, PS- Khunta, Dist-Mayurbhanj, Pin- 757075, Aadhar No. 5413 7876 8793 declared that I have changed my name from Shyam Murmu to Radhashyam Murmu. Henceforth, I shall be known as Radhashyam Murmu for all purposes.

Sd/-
Radhashyam Murmu

No. 32001/103/2627

**Odisha Lift Irrigation Corporation Ltd**
(A Govt. of Odisha undertaking)
OFFICE OF THE EXECUTIVE ENGINEER LIFT IRRIGATION DIVISION
KARANJIA
QUOTATION CALL NOTICE

No. 535 /OLIC. Date. 20.04.2026

Sealed quotations are invited from interested reputed Travel Agencies / Tour operators or private individuals for providing 1 (One) No. of Non-AC Diesel driven vehicles (Bolero) having sitting capacity not more than ten including driver, which shall confirm to the Terms and conditions (Annexure-II) for official use by the Executive Engineer, L.I. Division, Karanjia from 01.05.2026 to 30.04.2027.

1. The Vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage permit, Proof of up-to-date tax payment etc., which are mandatory for playing of vehicle.
2. The Driver of the Vehicle must have a valid Driving License for driving Light transport passenger vehicle and should sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4 A sum of Rs. 5000/- shall be deposited by the intending Bidders in shape of Account Payee Bank Draft drawn in favour of the Executive Engineer, Lift Irrigation Division, Karanjia submitted along with the tender as Security deposit. After completion of Tender process, the amount will be refunded to unsuccessful Bidders.
5 The monthly rate of hire charge be quoted separately in the general bid information (excluding fuel and lubricants).
6 The vehicle must achieve a fuel efficiency of 10 Km per Ltr.
7 The details of the make and year of manufacture of the vehicle, registration No, mileage (Kms. covered per liter) and name of the driver with driving license No. and period of validity should be specifically provided in the general bid information to be furnished with the Quotation. (Annexure-III) including owner's GSTIN/PAN no.
8 The Quotation completed in all respect should reach the undersigned on or before 24.04.2026 by 1.00 PM and shall be opened on the same day at 3.00 PM in presence of the bidders or their authorized representatives.
9 The application form of quotation containing information and Terms & Conditions for hiring of vehicles etc. will be available in the office of the Executive Engineer, Lift Irrigation Division, Karanjia on payment of Rs.100/- (Rupees one hundred) only towards cost of application from 22.04.2026 to 24.04.2026.

The authority reserves the right to accept or reject any or all the tenders without assigning any reason thereof.

Sd/-
Executive Engineer
Lift Irrigation Division,
Karanjia

OIPR. 32001/32283/1/26-27/0001

# ଡିଏଭି ପବ୍ଲିକ ସ୍କୁଲ, ଏମସିଏଲ, କଳିଙ୍ଗ କ୍ଷେତ୍ରରେ ପାଳିତ ହେଲା ବିଶ୍ୱ ପୃଥିବୀ ଦିବସ




ତାଳଚେର(ନିପ୍ର): ଡିଏଭି ପବ୍ଲିକ ସ୍କୁଲ, ଏମସିଏଲ, କଳିଙ୍ଗ କ୍ଷେତ୍ରରେ ବିଶ୍ୱ ପୃଥିବୀ ଦିବସ ପାଳନ କରାଯାଇଅଛି । ବିଦ୍ୟାଳୟର ଅଧକ୍ଷ ତଥା ସହକାରୀ ଆଂଚଳିକ ଅଧିକାରୀ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପଣ୍ଡା ଏହି ଦିବସ ପାଳନ ପରିପ୍ରେକ୍ଷୀରେ 'ପୃଥିବୀ ବଂଚାଅ, ଜୀବନ ସୁନ୍ଦର କର'- ଉପରେ ଗୁରୁତ୍ୱ ଆରୋପ କରିଥିଲେ । ୧୯୭୦ ମସିହାରେ ପ୍ରଥମେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା ଏବଂ ଆଜି ଏହା ଏକ ଆନ୍ତର୍ଜାତୀୟ ଆନ୍ଦୋଳନର ରୂପ ନେଇଛି । ପୃଥିବୀ ହେଉଛି ଆମ ଜୀବନର ମୂଳ ଆଧାର । ଏଠାରେ ଜଳ, ସ୍ଥଳ, ଜଙ୍ଗଲ ଓ ପ୍ରାଣୀଜଗତ ମିଶି ଏକ ସୁନ୍ଦର ପରିବେଶ ତିଆରି କରିଛି । କିନ୍ତୁ ଆଧୁନିକ ଯୁଗରେ ମାନବ କାର୍ଯ୍ୟକଳାପ ଯୋଗୁଁ ପରିବେଶ ପ୍ରଦୂଷଣ ବଢ଼ି ଚାଲିଛି । ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ସ୍ଥଳ ପ୍ରଦୂଷଣ ଓ ଜଙ୍ଗଲ ନଷ୍ଟ ପୃଥିବୀ ପାଇଁ ଗଭୀର ସମସ୍ୟା ହୋଇଉଠିଛି । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ନାୟକ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧମରେ ପରିବେଶ ପ୍ରତି ସଚେତନତା, ଦାୟିତ୍ୱବୋଧ ଏବଂ ସୁରକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୃକ୍ଷ ରୋପଣ, ପ୍ଲାଷ୍ଟିକର ବ୍ୟବହାରକୁ ନିଷେଧ କରିବା ଏବଂ ଛାତ୍ରଛାତ୍ରୀ ମାନେ ପ୍ରତି ଜନ୍ମଦିବସରେ ପାଂଚଟି ବୃକ୍ଷ ରୋପଣ କରନ୍ତୁ ବୋଲି ଆହ୍ୱାନ ଦିଆଯାଇଥିଲା । ଭବିଷ୍ୟତ ବଂଶଧରଙ୍କ ପାଇଁ ଆମ୍ଭେମାନେ ସଚେତନ ହେଲେ ପ୍ରାକୃତିକ ସମ୍ପଦ ସୁରକ୍ଷିତ ରହିପାରିବ । ପ୍ରାକୃତିକ ଶକ୍ତିକୁ ସୁରକ୍ଷା ଦେବା ଏବଂ ଅକ୍ଷୟ ଶକ୍ତିର ବିନିଯୋଗ ଉପରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରିବା ଆମ୍ଭମାନଙ୍କର କର୍ତବ୍ୟ ହେବା ଉଚିତ । ନିଜନିଜ ମଧରେ ହିଂସା, ଈର୍ଷା, କ୍ରୋଧ ଓ ଯୁଦ୍ଧକୁ ଦୂର କରି ସୁସ୍ଥ ସୁନ୍ଦର ପୃଥିବୀ ଗଠନ ପ୍ରତି ଯତ୍ନବାନ ହେବା । ଉଚିତ ପଦକ୍ଷେପ, ସଚେତନତା ଓ ସାମୂହିକ ପ୍ରୟାସ ଦ୍ୱାରା ଏହି ପରିବେଶକୁ ସୁରକ୍ଷିତ ରଖାଯାଇପାରିବ ।





ଅନ୍ୟମାନଙ୍କୁ ସବୁବେଳେ ସନ୍ଦେହ କଲେ ଜୀବନଟା ଶୂନ୍ୟ ବା ଏକୁଟିଆ ହୋଇଯାଏ ।

# ଆଜିକାଲି



ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଦ୍ରୋଣାଚାର୍ଯ୍ୟଙ୍କୁ ରାଜା ଦୁର୍ଯ୍ୟୋଧନ ଏହିପରି କହିବା ପରେ କୌରବକୁଳର ବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କର ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦ ପରି ଗର୍ଜନ କରି ଶଙ୍ଖ ବଜାଇଲେ ।

## ବିଶ୍ୱ ଜଳବାୟୁ ପରିବର୍ତ୍ତନ

ବିଶ୍ୱ ଜଳବାୟୁ ପରିବର୍ତନ ଏବଂ ତାପମାତ୍ରା ବୃଦ୍ଧି ପ୍ରଭାବରେ ଭାରତରେ ପ୍ରତକୂଳ ପାଣିପାଗ ଜନସାଧାରଣଙ୍କ ପାଇଁ ଘାତକ ସାଜିଛି । ଯାହାର ପ୍ରଭାବରେ ୧୯ବର୍ଷ ମଧ୍ୟରେ ଅର୍ଥାତ ୨୦୦୧ ରୁ ୨୦୧୯ ମଧ୍ୟରେ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି । ଭାରତୀୟ ପାଣିପାଗ ବିଭାଗ ଏବଂ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟକୁ ଏନେଇ ଦେଶର ଏକ ମର୍ଯ୍ୟଦା ସମ୍ପନ୍ନ ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଅସ୍ୱଭାବିକ ଜଳବାୟୁ ପରିବତନ ତଥା ପ୍ରଚଣ୍ଡ ପ୍ରବାହ ଏବଂ ମାତ୍ରାଧିକ ଶୀତ ଲହରି କେବଳ ଜୀବନ ନେଉନାହିଁ, ଜନଜୀବନକୁ ଏକ ପ୍ରକାର ବିପର୍ଯ୍ୟସ୍ତ କରି ଦେଇଛି । ସର୍ଭେ ରିପୋର୍ଟ ଅନୁଯାୟୀ ୨୦୦୧ରୁ ୨୦୧୯ ମଧ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଅଂଶୁଘାତରେ ୧୯ ହଜାର ୬୯୩ ଜଣଙ୍କ ଜୀବନ ଯାଇଥିବାବେଳେ ମାତ୍ରାଧିକ ଥଣ୍ଡା ତଥା ଶୀତ ଲହରି ଯୋଗୁଁ ୧୫ ହଜାର ୧୯୭ ଜଣଙ୍କ ମୃତ୍ୟୁ ଘଟିଥିଲା । ସେହିପରି ଓଡିଶା, ଆନ୍ଧ୍ରପ୍ରଦେଶର, ଉତରପ୍ରଦେଶ ଓ ପଂଜାବରେ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ପ୍ରଭାବ ଅଧିକ ରହିଥିବାବେଳେ ଉତରପ୍ରଦେଶ, ପଞ୍ଜାବ, ବିହାର, ରାଜସ୍ଥାନ ଓ ଦିଲ୍ଲୀରେ ମାତ୍ରାଧିକ ଶୀତର ପ୍ରକୋପ ଅନୁଭୂତ ହୋଇଥିଲା । ସେହିପରି ଶକ୍ତି, ପରିବେଶ ଓ ଜଳପରିଷଦ (ସିଇଇଡବ୍ଲୁ) ପକ୍ଷରୁ ହୋଇଥିବା ଆଉ ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ଜଳବାୟୁ ପରିବର୍ତନ ପ୍ରଭାବରେ ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଅନିୟମିତ ପାଣିପାଗ ଦେଖିବାକୁ ମିଳିଛି । ଗୋଟିଏ ଅଂଚଳରେ ଉତାପ ବା ତାପମାତ୍ରା ବଢି ଚାଲିଥିବା ବେଳେ ଅନ୍ୟ ଅଂଚଳରେ ଅପ୍ରତ୍ୟଶିତ ବର୍ଷା ହେଉଛି । ଦେଶରେ ଛଅଟି, ଋତୁ ମଧ୍ୟରୁ ସାଧାରଣତଃ ତିନୋଟି ଗ୍ରୀଷ୍ମ, ବର୍ଷା ଓ ଶୀତକୁ ଲୋକେ ବୁଝୁଥିବାବେଳେ ଏବେ ଋତୁକୁ ବୁଝିବା ଏକ ଦୁରୁହ ବ୍ୟାପାର ହୋଇଛି । ଆହୁରି ମଧ୍ୟ ଦେଶର କେତେକ ଅଂଚଳରେ ଅସ୍ୱାଭାବିକ ଭାବେ ଦିନର ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଆଉ କେତେକ ଅଂଚଳରେ ରାତ୍ରିର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ୨୦୧୨ରୁ ୨୦୨୨ ମଧ୍ୟରେ ଦେଶର ପ୍ରାୟ ୭୦ ପ୍ରତିଶତ ଜିଲ୍ଲାରେ ପ୍ରତି ଗ୍ରୀଷ୍ମ ଋତୁରେ ୫ରୁ ଅଧିକ ଉଷ୍ମ ରାତି ଅନୁଭୂତ ହୋଇଛି । ୨୮ ପ୍ରତିଶତ ଜିଲ୍ଲାରେ ଦିନର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିବାବେଳେ ମୁମ୍ବାଇରେ ଗତ ଦଶନ୍ଧିରେ ପୂର୍ବ ୩ ଦଶନ୍ଧି ତୁଳନାରେ ପ୍ରତି ଗ୍ରୀଷ୍ମ ଋତୁରେ ୧୫ଦିନ ଉତପ୍ତ ରାତି ଅନୁଭବ କରିଥିବାବେଳେ ଜୟପୁର, ଚେନ୍ନାଇ, ଭୁବନେଶ୍ୱର ଆଦି ସହରରେ ୭ରୁ ୧୦ ରାତିରେ ଅତ୍ୟଧିକ ଉତାପ ଅନୁଭବ କରିଥିଲେ । ତେବେ ସବୁଠାରୁ ଚିନ୍ତାଜନକ ପ୍ରସଙ୍ଗ ହେଉଛି, ଦେଶରେ ୫୭ ପ୍ରତିଶତ ଜିଲ୍ଲା ପ୍ରଚଣ୍ଡ ଗ୍ରୀଷ୍ମପ୍ରବଣ, ଯେଉଁଠାରେ ଦେଶର ୭୬ପ୍ରତିଶତ ଅର୍ଥାତ ୧୧୦ କୋଟିରୁ ଉର୍ଦ୍ଧ୍ୱ ଲୋକବାସ କରନ୍ତି । ଏହି ଅଂଚଳ ମଧ୍ୟରେ ୧୦ଟି ରାଜ୍ୟ ତଥା ଆନ୍ଧ୍ରପ୍ରଦେଶ, ଗୋଆ, କେରଳ, ମହାରାଷ୍ଟ, ଗୁଜରାଟ, ରାଜସ୍ଥାନ, ଓଡିଶା, କର୍ଣ୍ଣାଟକ, ତାମିଲନାଡୁ ଓ ଉତରପ୍ରଦେଶ ସର୍ବାଧିକ ତାପ-ବିପଦପ୍ରବଣ ରହିଛି । ଆମ ରାଜ୍ୟର ଭୁବନେଶ୍ୱର ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ତାଲିକାରେ ରହିଛି । ଏହା ବ୍ୟତୀତ ରାଜ୍ୟର କଟକ, ପୁରୀ, ଢେଙ୍କାନାଳ, ନୟାଗଡ, ଗଂଜାମ, ଗଜପତି, ଯାଜପୁର, ଭଦ୍ରକ, ବାଲେଶ୍ୱର, ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ, ବରଗଡ, ବଲାଙ୍ଗୀର, ନବରଙ୍ଗପୁର, ସମ୍ବଲପୁର ଏବଂ ଝାରସୁଗୁଡା ଉଚ୍ଚ ଗ୍ରୀଷ୍ମପ୍ରବଣ ଅଂଚଳରେ ରହିଛି । ଏହି ଜିଲ୍ଲାଗୁଡିକ ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲା ମଧ୍ୟମ ବିପଦ ତାଲିକାରେ ରହିଛି । ସେହିପରି ସର୍ଭେ ପରିସରଭୁକ୍ତ ଥିବା ଦେଶର ୭୩୪ଟି ଜିଲ୍ଲା ମଧ୍ୟରୁ ୪୧୭ଟି ଜିଲ୍ଲା ଉଚ୍ଚ ଓ ଅତ୍ୟନ୍ତ ଉଚ୍ଚ ବିପଦ ବର୍ଗରେ ରହିଥିବା ରିପୋର୍ଟରେ କୁହାଯାଇଛି । ଦେଶର ବିଭିନ୍ନ ଅଂଚଳରେ ଗ୍ରୀଷ୍ମ ପ୍ରବାହ, ଅନିୟମିତ ବର୍ଷା ଏବଂ ପ୍ରବଳ ଶୀତ ଲହରି କେବଳ ଜନଜୀବନକୁ ଠପ କରିନାହିଁ, ଲୋକଙ୍କ ଆର୍ଥୀକ ସ୍ଥିତିକୁ ମଧ୍ୟ ବିପର୍ଯ୍ୟସ୍ତ କରିଦେଉଛି । ଜୀବନ ସହ ଧନ ସମ୍ପତି କ୍ଷୟକ୍ଷତି ହେଉଛି । ଖରା, ବର୍ଷା ଓ ଶୀତ ପ୍ରଭାବରେ ଲୋକେ ଘରୁ ବାହାରି ପାରୁ ନଥିବା ବହୁ ଚାଷ, ବାସ ଓ ଶ୍ରମ କ୍ଷତି ବଢିଚାଲିବା ସହ ଆର୍ଥୀକ ବିପର୍ଯ୍ୟାୟର ସମ୍ମୁଖୀନ ହେଉଛନ୍ତି । ଆହୁରି ମଧ୍ୟ ମଣିଷର ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଉଛି । ବିଶେଷକରି ବୃଦ୍ଧ, ବାହ୍ୟ ଶ୍ରମିକ, ପିଲା, ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ରୋଗରେ ପିଡିତ ଲୋକଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶର ନୀତି ନିର୍ଦ୍ଧାରକମାନେ ପରିସ୍ଥିତିକୁ ଦେଖି ଏହାର ନିୟନ୍ତ୍ରଣ ପାଇଁ କ୍ରିୟାନୁଷ୍ଠାନ କରିଥାନ୍ତି । କିନ୍ତୁ ଏବେ ଯେପରି ଜଳବାୟୁ ପରିବର୍ତନ ପ୍ରଭାବରେ ପାଣିପାଗରେ ଅନିୟମିତତା ବୃଦ୍ଧି ପାଇବାରେ ଲାଗିଛି, ତାହାର ମୁକାବିଲା ପାଇଁ ଦୀର୍ଘମିଆଦି ଭିତିରେ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଏ ।

# ଆଦିବାସୀ କ୍ରୀଡ଼ାରେ ଏକ ନୂତନ ଅଧ୍ୟାୟ



◆ ଦଶରଥ ହେମ୍ବ୍ରମ୍

୨୦୨୧ ମସିହାଠାରୁ ପ୍ରତି ବର୍ଷ ନଭେମ୍ବର ମାସ ୧୫ ତାରିଖ ଦିନ 'ଜନଜାତି ଗୌରବ ଦିବସ' ଭାବେ ଭାରତରେ ପାଳନ କରାଯାଉଛି । ଏହି ପବିତ୍ର ପୁଣ୍ୟତିଥିରେ ଆଦିବାସୀ ସମ୍ପ୍ରଦାୟରେ ଜନ୍ମିତ ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବୀର ବୀର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ପାଳିତ ହୁଏ । ତାଙ୍କର ଦେଶ ସେବା, ତ୍ୟାଗ ଓ ଅଦମ୍ୟ ସାହସକୁ ଏହି ଦିନରେ ସମ୍ମାନ ଦିଆଯାଏ ଏବଂ ରାଷ୍ଟ୍ରୀୟ ସ୍ତରରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରାଯାଏ । ଆଦିବାସୀ ସଂସ୍କୃତି, କଳା, ପରମ୍ପରା, ଐତିହ୍ୟ ଏବଂ ଇତିହାସକୁ ଉଜ୍ଜୀବିତ ତଥା ପୁନଃଦ୍ଧାର କରି ତା'ର ପ୍ରଚାର ପ୍ରସାର ଘଟିବା ପାଇଁ 'ଜନଜାତି ମହୋତ୍ସବ' ପାଳିତ ହେଉଛି । ବିଶ୍ୱସ୍ତରରେ ମଧ୍ୟ ଅଗଷ୍ଟ ୯ ତାରିଖକୁ 'ବିଶ୍ୱ ଆଦିବାସୀ ଦିବସ' ଭାବେ ପ୍ରତି ବର୍ଷ ପାଳନ କରାଯାଏ । କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଆଦିବାସୀଙ୍କୁ ଜାତୀୟ କିମ୍ବା ଆନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାରେ ସାମିଲ କରିବା ପାଇଁ 'ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା - ୨୦୨୬' ପ୍ରଥମ ଥର ପାଇଁ ଏହି ବର୍ଷ ଭାରତର ଥିବା ଛତିଶଗଡ଼ ରାଜ୍ୟରେ ଆୟୋଜନ କରାଯାଇଥିଲା । କ୍ରୀଡ଼ା ହେଉଛି ଆଦିବାସୀ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହା ଶାରୀରିକ ଦକ୍ଷତା, ଏକତା ଓ ପାରମ୍ପରିକ ଜ୍ଞାନକୁ ପ୍ରଦର୍ଶନ କରେ । ଧନୁର୍ବିଦ୍ୟା, କବାଡି, ଦୌଡ଼, କାତି, ପହଁରା, ଡିଆଁ, ଫୁଟବଲ, ହକି, ବାସ୍କେଟବଲ, ଭଲିବଲ, ଚକି ଓ ପାରମ୍ପରିକ ନୃତ୍ୟଭିତିକ ପ୍ରଭୃତି ଖେଳ ହେଉଛି ଆଦିବାସୀଙ୍କର ପ୍ରଧାନ ଖେଳ । ଗାଁ ଗହଳିରେ ଏହିସବୁ ଖେଳକୁ ଜୀବିତ ରଖିବା ପାଇଁ ଗ୍ରାମର ଯୁବକମାନେ ଏକତ୍ରିତ ହୋଇ କିଛି ଅର୍ଥ ସଂଗ୍ରହ କରି ବାର୍ଷିକ କ୍ରୀଡ଼ା ଆୟୋଜନ କରିଥାନ୍ତି । ପୁରସ୍କାର ପ୍ରତିବଦଳରେ ଖାସୀ, ଘୁଷୁରି ଏବଂ ଅର୍ଥରାଶି ଆକାରରେ ବିଜୟୀ ଦଳକୁ ସମ୍ମାନିତ କରିଥାନ୍ତି । କିନ୍ତୁ ବର୍ତ୍ତମାନ ସମୟରେ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖି ବାର୍ଷିକ କ୍ରୀଡ଼ା ଆୟୋଜନ ହେବାର ଦୃଶ୍ୟମାନ ବିଭିନ୍ନ ସମ୍ବାଦପତ୍ର ଏବଂ ଗଣମାଧ୍ୟମରୁ ଜଣାଯାଉଛି । ସ୍ଥାନୀୟ ଆଦିବାସୀ ଯୁବକଯୁବତୀଙ୍କ ପ୍ରତିଭାକୁ ଆଗକୁ ନେବା ପାଇଁ ବିଭିନ୍ନ ଜିଲ୍ଲା ସ୍ତରୀୟ ହେଉ କିମ୍ବା ବ୍ଲକ ସ୍ତରରେ ସାଂସଦ ଖେଳ ମହୋତ୍ସବ ଆୟୋଜନ ମଧ୍ୟ କରାଯାଉଛି ଏବଂ କ୍ରୀଡ଼ାକୁ ଉପଭୋଗ କରିବା ପାଇଁ ଦୂରଦୂରାନ୍ତରୁ କ୍ରୀଡ଼ାପ୍ରେମୀ ଆସିଥାନ୍ତି । ଏହିସବୁ ଖେଳ ମାଧ୍ୟମରେ ଗ୍ରାମା□ଳରେ ଲୋକମାନଙ୍କୁ ଏକତା ଏବଂ ଭ୍ରାତୃଭାବ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଆଦିବାସୀ ଖେଳାଳିମାନଙ୍କ ପାଇଁ ଭାରତର ପ୍ରଥମ ଜନଜାତୀୟ ବହୁ-କ୍ରୀଡ଼ା ଇଭେ□ 'ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା ୨୦୨୬', ଛତିଶଗଡ଼ଠାରେ ମାର୍ଚ୍ଚ ୨୫ ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା, ଯାହା କ୍ରୀଡ଼ା ଜଗତରେ ନୂତନ କରି ସୃଷ୍ଟ ଇତିହାସର ପ୍ରଥମ ଅଧ୍ୟାୟ କୁହାଯାଉଛି । ଛତିଶଗଡ଼ ରାଜ୍ୟରେ ଥିବା ତିନୋଟି ଆୟୋଜକ ସହର ରାୟପୁର, ଜଗଦଲପୁର ଏବଂ ସୁରଗୁଜାରେ ଏହି କ୍ରୀଡା ସାରା ଭାରତରୁ ୬୦,୦୦୦ ଆଦିବାସୀ କ୍ରୀଡାବିତମାନଙ୍କୁ ଏକ ଜାତୀୟ ମଂଚରେ ଏକାଠି କରିଥିଲା । ଆଦିବାସୀ କ୍ରୀଡ଼ା ପରମ୍ପରାର ପ୍ରଦର୍ଶନ ଇଭେ□ ସହିତ ସାତଟି ପଦକ କ୍ରୀଡ଼ା ରହିଥିଲା, ଯଥା ତୀରନ୍ଦାଜୀ, ଆଥଲେଟିକ୍ସ, ଫୁଟବଲ୍, ପହଁରା, ଭାରୋତୋଳନ, କୁସ୍ତି ଏବଂ ହକି ସହିତ ମଲ୍ଲଖମ୍ବ ଏବଂ କବାଡ଼ି ଭଳି ପ୍ରଦର୍ଶନୀ ପୁରାତନ ଭାରତୀୟ ଇଭେ□ ମଧ୍ୟ ରହିଥିଲା, ଯାହା ପ୍ରତିଯୋଗିତାମୂଳକ କ୍ରୀଡ଼ା ଏବଂ ଭାରତର ସ୍ୱଦେଶୀ କ୍ରୀଡ଼ା ପରମ୍ପରାକୁ ପ୍ରତିଫଳିତ କରେ । କବାଡ଼ି ଭାରତର ସବୁଠାରୁ ପୁରୁଣା ସ୍ୱଦେଶୀ ଖେଳ, ଯାହାର ଇତିହାସ ଭାରତୀୟ ଉପମହାଦେଶରେ ମୂଳ ରହିଛି ଯେଉଁଠାରେ ଏହା ପାରମ୍ପରିକ ଭାବେ ଶକ୍ତି, ରଣନୀତି ଏବଂ ଧୈର୍ଯ୍ୟର ପରୀକ୍ଷା । ମଲ୍ଲଖମ୍ବ ଖେଳ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ପରିଚିତି, ଯାହା ଭାରତର ସମୃଦ୍ଧ ଶାରୀରିକ ସଂସ୍କୃତିକୁ ପ୍ରତିନିଧିତ୍ୱ କରିଆସୁଛି ଏବଂ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା ଭଳି ପ୍ଲାଟଫର୍ମରେ ସ୍ଥାନ ପାଇ ସ୍ୱଦେଶୀ କ୍ରୀଡ଼ାକୁ ପ୍ରୋତ୍ସାହିତ କରିଥିଲା । ଏହା ପାରମ୍ପରିକ ଆଦିବାସୀ କ୍ରୀଡ଼ା ଭାରତର ସଂରକ୍ଷଣରେ ସାହାଯ୍ୟ କରେ ଏବଂ ତୃଣମୂଳ କ୍ରୀଡ଼ା ବିକାଶକୁ ପ୍ରୋତ୍ସାହିତ କରେ । ଏହି କ୍ରୀଡ଼ାରେ ସମୁଦାୟ ୩୩୮ ପଦକ ପାଇଁ ଖେଳା ହୋଇଥିଲା, ଯେଉଁଥିରେ ୧୦୬ ସ୍ୱର୍ଣ୍ଣ, ୧୦୬ ରୌପ୍ୟ ଏବଂ ୧୨୬ କାଂସ୍ୟ ପଦକ ଅନ୍ତର୍ଭୁକ୍ତ । ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାରେ ସରକାରୀ ମାସ୍କଟ୍‌କୁ 'ମୋରବୀର' ରଖାଯାଇଥିଲା, ଯାହା କ୍ରୀଡ଼ାର ଆତ୍ମାକୁ ପ୍ରତିଫଳିତ କରୁଛି । ଛତିଶଗଡ଼୍ରୀ ଶବ୍ଦରୁ ଉତ୍ପନ୍ନ 'ମୋର' (ଆମର ନିଜର) ଏବଂ 'ବୀର' (ସାହସିକତା), ଏହା ଭାରତର ଆଦିବାସୀ ସମ୍ପ୍ରଦାୟର ଗର୍ବ, ଆତ୍ମା ଏବଂ ପରିଚୟକୁ ପ୍ରତୀକ କରୁଅଛି । ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାର ମୂଳଲକ୍ଷ୍ୟ ହେଉଛି ସମ୍ପ୍ରଦାୟ ସ୍ତରରେ ଅଂଶଗ୍ରହଣକୁ ବିସ୍ତାର କରିବା ଏବଂ ପ୍ରତିଭାକୁ ଚିହ୍ନଟ କରିବା । ସାମାଜିକ-ଆର୍ଥିକ ଚ୍ୟାଲେଞ୍ଜର ସମ୍ମୁଖୀନ ଆଦିବାସୀ କ୍ରୀଡ଼ାବିତଙ୍କୁ ଧ୍ୟାନରେ ରଖି, ଖେଳଗୁଡ଼ିକ ଜାତୀୟ କ୍ରୀଡ଼ା ଇକୋସିଷ୍ଟମରେ ସେମାନଙ୍କୁ ଏକୀକୃତ କରିବା ଏବଂ ଭବିଷ୍ୟତର ପ୍ରତିଭା ପାଇପଲାଇନକୁ ମଜବୁତ କରିବାକୁ ଚେଷ୍ଟା କରୁଛି । ସେମାନଙ୍କ ଅଂଶଗ୍ରହଣ, ଆତ୍ମବିଶ୍ୱାସ ଏବଂ ସଂଯୋଗ ପାଇଁ ସ୍ଥାନ ସୃଷ୍ଟି କରୁଛନ୍ତି, ଏପରି ପରିବେଶରେ ପାଦ ଦେବାକୁ ଅନୁମତି ଦିଆଯାଉଛି ଯେଉଁଠାରେ ସେମାନଙ୍କର ଦକ୍ଷତାକୁ ସ୍ୱୀକୃତି ଏବଂ ମୂଲ୍ୟ ଦିଆଯାଇ ତାହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । ପ୍ରଶିକ୍ଷକ, ବୈଷୟିକ ବିଶେଷଜ୍ଞ ଏବଂ ପ୍ରତିଭା ସ୍କାଉଟ୍ ଉପସ୍ଥିତ ରହି, ପ୍ରତିଶ୍ରୁତିବଦ୍ଧ ଖେଳାଳିମାନେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ କେନ୍ଦ୍ରରେ ସୁଯୋଗ ସମେତ ସଂରଚିତ ତାଲିମ ପଥକୁ ଯାଇପାରିବେ । ଅନେକଙ୍କ ପାଇଁ, ଏହା ଏକ ଲମ୍ବା ଯାତ୍ରାର ଆରମ୍ଭ ହୋଇପାରେ, ଯାହା ଭବିଷ୍ୟତ କ୍ରୀଡ଼ା କ୍ୟାରିଅର ଉଜ୍ଜଳ ହୋଇପାରିବ । ସବୁଠାରୁ ବଡ଼କଥା ହେଲା, ଗ୍ରାମୀଣ ପ୍ରତିଭା ଏବଂ ବୃତିଗତ ପ୍ଲାଟଫର୍ମ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବାରେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯାହା ଆଦିବାସୀ କ୍ରୀଡ଼ାବିତ୍‌ଙ୍କ ପାଇଁ ଆର୍ଥିକ ଏବଂ ଭିତିଭୂମି ସହାୟତା ପ୍ରଦାନ କରିଥାଏ । କ୍ରୀଡ଼ା ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଦଳଗତ କାର୍ଯ୍ୟ ଗଠନ କରିବାରେ ସହାୟକ ହୁଏ । ଏକତା ଏବଂ ସମାନ ଉଦ୍ଦେଶ୍ୟର ଭାବନାକୁ ମଧ୍ୟ ପ୍ରୋତ୍ସାହିତ କରେ । ଭାରତ ଭଳି ଦେଶ ପାଇଁ, କ୍ରୀଡ଼ା କେବଳ ପ୍ରତିଯୋଗିତା ବିଷୟରେ ନୁହେଁ, ବରଂ ଏହା ଯୁବପିଢ଼ିଙ୍କୁ ଏକତା କରିବା, ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଅଭିବୃଦ୍ଧି ଏବଂ ସୁଯୋଗ ପାଇଁ ପଥ ସୃଷ୍ଟି କରିବାର ଏକ ବିରାଟ ବଡ଼ ମାଧ୍ୟମ କୁହାଯାଇପାରିବ । ଏହି ଦୃଷ୍ଟିକୋଣ ସହିତ, ଭାରତ ସରକାର ସାରା ଦେଶରେ କ୍ରୀଡ଼ା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଆସୁଛନ୍ତି । ଏହି ପଥଗୁଡ଼ିକ ମଜବୁତ ହେବା ସହିତ, ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାର ପ୍ରଭାବ କେବଳ ପଦକରେ ନୁହେଁ, ବରଂ ସେମାନେ ସୃଷ୍ଟି କରୁଥିବା ସୁଯୋଗରେ ଦେଖାଯିବ, ଯେଉଁ ଆଧାରରେ ଥରେ ସଂଗଠିତ କ୍ରୀଡ଼ାରେ ସୀମିତ ପ୍ରବେଶ ଦେଖାଯାଉଥିଲା, ସେଠାରେ ନୂତନ କାହାଣୀ ଆକାର ନେବା ଆରମ୍ଭ ହୋଇଛି -ଯେଉଁଠାରେ ଅଂଶଗ୍ରହଣ ଆତ୍ମବିଶ୍ୱାସ ସଫଳତାର ବଡ଼ ରାସ୍ତା ଖୋଲିଥାଏ । ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ା ଆଦିବାସୀ ପ୍ରତିଭା ପାଇଁ ଐତିହାସିକ ପ୍ଲାଟଫର୍ମ ଭାବରେ ଉଭା ହୋଇଛି ସତ ଏହା କିନ୍ତୁ ଏକତା, ସଂସ୍କୃତି ଏବଂ କ୍ରୀଡ଼ା ଉତ୍କର୍ଷତାର ଏକ ଦ୍ରବ୍ୟ ସଙ୍ଗମ' ଏବଂ ଆଦିବାସୀ ପ୍ରତିଭା ପାଇଁ ଏକ ଐତିହାସିକ ପ୍ଲାଟଫର୍ମ, ଯାହା ପ୍ରଥମ ଜାତୀୟ ବହୁ-କ୍ରୀଡା ଇଭେ□ ଭାବରେ ଆଦିବାସୀ ସମ୍ପ୍ରଦାୟ ପାଇଁ ଏହା ଉତ୍ସର୍ଗୀକୃତ ।

*ବାଲେଶ୍ୱର, ମୋ-୯୩୩୭୪୦୪୨୫୪*

# ଗ୍ରୀଷ୍ମ ପ୍ରବାହର ଚେତାବନୀ

◆ ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଚଳିତ ବର୍ଷ ୨୦୨୬ ଉତପ୍ତର ବର୍ଷ ହେବା ନେଇ ବହୁ ପାଣିପାଗ ସଂସ୍ଥା ଆକଳନ କରିଥିବାବେଳେ 'ଗାଁ ନିରମଳ ଧୋବା ତୁଠ' ସୂଚନା ଦେବା ପରି ଗତ ଜାନୁୟାରୀ ଏବଂ ମାର୍ଚ୍ଚ ମାସର ତାପମାତ୍ରା ଏହାର ପ୍ରାକ୍ ସଂକେତ ପ୍ରଦାନ କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ । ସୂଚନା ଦିଆଯାଇପାରେ ଯେ, ୨୦୨୪ରେ ପୂର୍ବ ଓ ଦକ୍ଷିଣ ଭାରତରେ ଏପ୍ରିଲ ୫ରେ ପ୍ରଥମ ହିଟ୍‌ୱେଭ୍ ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ୨୦୨୫ ରେ ମୁମ୍ବାଇରେ ଫେବୃୟାରୀରେ ବର୍ଷର ପ୍ରଥମ ହିଟ୍‌ୱେଭ୍ ଆରମ୍ଭ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୪ ସବୁଠାରୁ ଉତପ୍ତ ବର୍ଷ ଥିଲା ବୋଲି ରେକର୍ଡ ରହିଛି । କିନ୍ତୁ ୨୦୨୫ର ଗ୍ରୀଷ୍ମ ପ୍ରବାହ ବା ତାପମାତ୍ରା ଦୀର୍ଘକାଳୀନ ରେକର୍ଡ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି । ଗତ ମାର୍ଚ୍ଚ ଓ ଏପ୍ରିଲ ମାସ ଆରମ୍ଭରେ ଯେଉଁଭଳି ତାପମାତ୍ରା ବୃଦ୍ଧି ପାଇଥିଲା, ତାହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା । ବିଶେଷ କରି ଓଡିଶା, ମହାରାଷ୍ଟ୍ର ମଧ୍ୟପ୍ରଦେଶ ଦିଲ୍ଲୀ, ପଶ୍ଚିମବଙ୍ଗ ସମେତ ଦେଶର କେତେକ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇ ଉଠିଥିଲା । ଏବେ ଆମ ରାଜ୍ୟର ଉପକୂଳବର୍ତୀ ଅଂଚଳରେ କାଳବୈଶାଖୀ ପ୍ରଭାବରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବାବେଳେ ପଶ୍ଚିମ ଓଡିଶାର ସ୍ଥିତି ଏବେ ବି ଅପରିବର୍ତିତ ରହିଛି । ପଶ୍ଚିମବଙ୍ଗରେ ତାପମାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡିକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ଛୁଟି ଘୋଷଣା କରିଥିବାବେଳେ ବହୁ ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି ସାରିଲେଣି । ଚଳିତ ବର୍ଷ ଅଧିକରୁ ଅଧିକ ହିଟ୍‌ୱେଭ୍ ପ୍ରବାହିତ ହେବା ନେଇ ପାଣିପାଗ ସଂସ୍ଥାଗୁଡିକ ଚେତାବନୀ ଦେଇଥିବାବେଳେ ଆଗାମୀ ଦଶନ୍ଧିରେ ଦେଶର ୭୦ଭାଗ ଅଂଚଳରେ ଅସହ୍ୟ ହିଟ୍‌ୱେଭ୍‌ରେ ପ୍ରଭାବିତ ହୋଇପାରେ ବୋଲି



ପୂର୍ବାନୁମାନ କରିସାରିଲେଣି । ହିଟ୍‌ୱେଭ୍ ପ୍ରଭାବରେ ଜୀବନଯାତ୍ରା ଠାରୁ ଆରମ୍ଭ କରି ପାନୀୟ ଜଳ ଠାରୁ ଆରମ୍ଭ କର କୃଷି, ଅର୍ଥନୀତି, ଶ୍ରମ ସବୁକିଛି ବିପର୍ଯ୍ୟାସ୍ତ ହୋଇପଡିବ । କେବଳ ଏତିକି ନୁହେଁ, ମଣିଷର ସ୍ୱାସ୍ଥ୍ୟ ଉପରେ ଗ୍ରୀଷ୍ମ ପ୍ରବାହ ଗୁରୁତ୍ୱର ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି ହୋଇଥିବାବେଳେ ବିଦ୍ୟୁତ ସଂକଟ ମଧ୍ୟ ଉତ୍କଟ ହୋଇପାରେ । ଅସହ୍ୟ ତାପମାତ୍ରା ଯୋଗୁଁ ଏପ୍ରିଲରୁ ଜୁନ ମଧ୍ୟରେ ଶକ୍ତି ଚାହିଦା ଶୀର୍ଷରେ ପହଁଚିପାରେ । କହିବା ବାହୁଲ୍ୟ ଯେ, ଗତ କିଛି ଦଶନ୍ଧି ଧରି ଭାରତରେ ଅତ୍ୟଧିକ ଶକ୍ତି ଚାହିଦା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରହିଛି । ଦେଶର ୭୦ ପ୍ରତିଶତ ବିଦ୍ୟୁତ ତାପଜ ବିଦ୍ୟୁତ କେନ୍ଦ୍ର ତଥା କୋଇଲାରୁ ମିଳିଥାଏ । ଅନ୍ୟପକ୍ଷରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ବା ତାପମାତ୍ରା ଯୋଗୁଁ ଦେଶରେ ଏୟାର କଣ୍ଡିସନର (ଏ.ସି.) ବ୍ୟବହାରକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏକ ରିପୋର୍ଟରୁ ଜଣାଯାଇଛି ଯେ, ଦେଶରେ ବାର୍ଷିକ ୧୦ ମିଲିଅନରୁ ୧୫ମିଲିଅନ ନୂତନ ଏସି ସାମିଲ ହେଉଛି । ଅର୍ଥାତ ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବଢିଚାଲିଛି । ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ପ୍ରତିବର୍ଷ ଯେପରି ଯେପରି ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବଢିଚାଲିଛି, ୨୦୦୭ ମସିହା ବେଳକୁ ଭାରତ ବିଶ୍ୱର ସର୍ବବୃହତ ବଜାରରେ ପରିଣତ ହେବା ସମ୍ଭାବନା ରହିଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଭାରତରେ ପ୍ରତି ୧୫ ସେକେଣ୍ଡରେ ଗୋଟିଏ ନୂତନ ଏସି ବିକ୍ରୀ ହେଉଛି । ଏହା ନିସନ୍ଦେହ ଯେ, ତାପମାତ୍ରା ବୃଦ୍ଧିଯୋଗୁଁ ବିଦୁତ ଚାହିଦା ମଧ୍ୟ ବଢିବାରେ ଲାଗିଛି । ଗତ ୨୦୨୩ ତୁଳନାରେ ୨୦୨୪ର ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ବିଦ୍ୟୁତ ଚାହିଦା ୬.୧ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଏପ୍ରିଲ ରୁ ଜୁନ୍ ମଧ୍ୟରେ କେବଳ ୧୦.୪ ପ୍ରତିଶତ ବଢିଥିବା ରେକର୍ଡ କରାଯାଇଛି । ତେବେ ଶକ୍ତି ଚାହିଦା ବୃଦ୍ଧିର ମୁଖ୍ୟକାରଣ ଏସି ହୋଇଥିବାବେଳେ କେବଳ ଏକ ତୃତୀୟାଂଶ ବୃଦ୍ଧି ଏସି ପାଇଁ ହୋଇଥିବା ରିପୋର୍ଟ କହେ । ଗତ ୨୦୨୪ରେ ଦେଶରେ ଶକ୍ତି ଚାହିଦା ୨୫୦ ଗେଗାୱାଟ ଥିବାବେଳେ ଚଳିତ ବର୍ଷ ୨୭୦ ଗେଗାୱାଟକୁ ବଢିବା ଆକଳନ କରାଯାଇଛି । ଗୋଟିଏ ପଟେ ଗ୍ରଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ତାପଜ ବିଦ୍ୟୁତ କେନ୍ଦ୍ରରେ ଅତ୍ୟଧିକ କୋଇଲା ବ୍ୟବହାର ହେଉଥିବାରୁ ଅନ୍ୟପଟରେ କୋଇଲା ଜାଳେଣୀ ବାୟୁମଣ୍ଡଳକୁ ଉତପ୍ତ କରିବା ସହ ପରିବେଶ ତଥା ଜଳବାୟୁକୁ ପ୍ରଦୁଷିତ କରୁଛି । ଦୃତ ଜଳବାୟୁ ପରିବର୍ତନର କାରଣ ହୋଇଛି । ବିଶ୍ୱ ଜଳବାୟୁ ଶିଖର ସଂଗଠନ କୋଇଲା ତଥା ଅନ୍ୟାନ୍ୟ ଜାଳେଣୀକୁ ନିୟନ୍ତ୍ରଣ କରିବାକୁ ପ୍ରସ୍ତାବ ଗ୍ରହଣ କରିଥିବା ସମୟରେ ତାପମାତ୍ରାକୁ ବଢାଇବାରେ ସହାୟକ ହୋଇଛି । ଏଥିପ୍ରତି ଅଗ୍ରାଧିକାର ଭିତିରେ ଧ୍ୟାନ ଦେବା ଏବେ ଜରୁରୀ ହୋଇ ପଡିଛି । ଯାହାକି ବର୍ତମାନ ସମୟରେ ସବୁଠାରୁ ବଡ ଚେତାବନୀ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨-୭୯୭୮୬୬୬୪୦୩*

# ଆମେ ଓ ଆମ ଶିକ୍ଷା ବ୍ୟବସ୍ଥା

◆ ବସନ୍ତ ମଞ୍ଜରୀ ମିଶ୍ର

ବେଳେବେଳେ କିଛି ପରିସ୍ଥିତି ମଣିଷ କୁ ଏମିତି ଗୋଟିଏ ଦୋଛକି ରେ ଠିଆ କରେଇ ଦିଏ ଯେ, ସେଥିରୁ ମୁକୁଳିବା ମୁସ୍କିଲ ହୋଇପଡେ । କାଲି ଭୁବନେଶ୍ୱର ରୁ ଟ୍ରେନ ରେ ଫେରିଲା ବେଳେ ମୋ ପାଖ ସିଟ ରେ ବସିଥିଲେ ଦୁଇଜଣ ଶିକ୍ଷକ । ତାଙ୍କର ଆଲୋଚନା ର ବିଷୟ ଥିଲା ଖାତା ଦେଖା କୁ ନେଇ । ଜଣେ କହୁଥିଲେ, ଆଜିକାଲି ପିଲା ଗୁଡା କିଛି ପାଠ ପଢୁ ନାହାନ୍ତି, ଆଉ ସେଥିପାଇଁ ପ୍ରଶ୍ନ ପତ୍ର ଯେତେ ସହଜ ହେଲେ ମଧ୍ୟ ସେମାନେ ପରୀକ୍ଷା ରେ ଫେଲ ହେଉଛନ୍ତି । ଆଜି ମୁଁ ଯେତେ ପିଲାଙ୍କର ଖାତା ଦେଖିଲି ସବୁ ଫେଲ ହେଲେ । କେହି ତିରିଶ ନମ୍ବର ରଖିବାକୁ ବି ଅସମର୍ଥ । ମୁଁ ଭାବୁଥିଲି ଏଥିପାଇଁ ଦାୟୀ କାହାକୁ କରାଯାଇ ପାରିବ । ତାଙ୍କ କଥା ର ଉତର ଦେବାକୁ ଯାଇ ତାଙ୍କ ବନ୍ଧୁ ଜଣଙ୍କ କହିଲେ, ମୁଁ କିନ୍ତୁ ସବୁ ପିଲାଙ୍କୁ ମନ ଇଚ୍ଛା ନମ୍ବର ଦେଇ ପାସ କରେଇ ଦେଲି । ବିଚରା ପିଲାଗୁଡ଼ାକ ଫେଲ ହେଲେ ଦୁଃଖ ରେ ଭାଙ୍ଗି ପଡିବେ । କେହି କେହି ବି ଆତ୍ମହତ୍ୟା କରିପାରନ୍ତି । ତେଣୁ ମୁଁ ସମସ୍ତଙ୍କୁ ହାତ ଖୋଲା କରି ନମ୍ବର ଦେଇଛି । ନୀରବ ରେ ବସି ତାଙ୍କର କଥୋପକଥନ ଶୁଣୁଥିଲି ମୁଁ । କିଛି କହିବାକୁ ଉଚିତ ମନେ କାଲି ନାହିଁ । କାରଣ ସେମାନେ ଖୁବ ସୁନ୍ଦର ଭାବରେ ନିଜ ନିଜ ର ଯୁକ୍ତି ଉପସ୍ଥାପନ କରି ଚାଲିଥିଲେ । କିନ୍ତୁ ମୋ ମନଟା ବିଷାକ୍ତ ହୋଇ ଯାଉଥିଲା । କିଛି ନ ଲେଖିଥିବା ପିଲାକୁ ଦୟା ଦେଖାଇ ନମ୍ବର ଦେବା କଣ ଯୁକ୍ତି ସଙ୍ଗତ । ଏହା ପରୋକ୍ଷ ରେ ବେକାରୀ ସମସ୍ୟା ର ଆହ୍ୱାନ ନୁହେଁ କି ? ଆଜିକାଲି ଶିକ୍ଷା ବ୍ୟବସ୍ଥା ଯେତେ ଉନ୍ନତି କଲେ ମଧ୍ୟ କାହିଁକି ବେକାରୀ ସମସ୍ୟା ର ଉପଶମ ହୋଇ ପାରୁ ନାହିଁ । ଏହାର କାରଣ ତୃଟି ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ନୁହେଁ ତ ! ଶିକ୍ଷା ର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ଆମକୁ ଯତ୍ନବାନ ହେବାକୁ ପଡିବ । ଏବେ ମୁଁ ଠିକ ବୁଝି ପାରୁଛି ସେଦିନ ନୂଆ ଚାକିରୀ ପାଇଁ ଆଶାୟୀ ଥିବା ସେଇ ଯୁବକ ମକ୍ଷନେ ସାମାନ୍ୟ ଗୋଟିଏ ଦରଖାସ୍ତ ଲେଖିବାକୁ କାହିଁକି ଅସମର୍ଥ ଥିଲେ । ଶତକଡା ୯୫ ପ୍ରତିଶତ ନମ୍ବର ରଖି ପାସ କରିଥିବା ପିଲା ଟିଏ ଆଜି କାହିଁକି ଦରଖାସ୍ତ ଟିଏ ଲେଖିବା ପାଇଁ ଗୁଗୁଲ ଉପରେ ନିର୍ଭର କରୁଛି । କାହିଁକି ଆଜି ସବୁଠି ବେକାରୀ ଆଉ ବେରୋଜଗାରୀ ମାନଙ୍କ ସଂଖ୍ୟା ଅଧିକ । ଆମ ସମସ୍ତଙ୍କୁ ଏଥି ପାଇଁ ସଚେତନ ହେବାକୁ ପଡିବ । ଖାତା ମୂଲ୍ୟାୟନ ଠାରୁ ଆରମ୍ଭ କରି ଶିକ୍ଷା ଦାନ ପର୍ଯ୍ୟନ୍ତ ସବୁଥିରେ ନିରପେକ୍ଷ ଭାବରେ ପଦକ୍ଷେପ ନେବାକୁ ପଡିବ । ଗୋଟିଏ ଉନ୍ନତି ମୂଳକ ରାଷ୍ଟ୍ର ର ସବୁଠୁ ଗୁରୁତ୍ୱ ପୂର୍ଣ୍ଣ ପଦକ୍ଷେପ ହେଉଛି ନିରପେକ୍ଷ ଶିକ୍ଷା ବ୍ୟବସ୍ଥା । ଶିକ୍ଷା ର ପାଠ୍ୟକ୍ରମ ଠାରୁ ଆରମ୍ଭ କରି ଶିକ୍ଷା ଦାନ ପଦ୍ଧତି ଓ ମୂଲ୍ୟାୟନ, ସବୁ କ୍ଷେତ୍ର ରେ ପରିବର୍ତନ ର ଆବଶ୍ୟକତା ରହିଛି । ଆମ ରାଷ୍ଟ୍ର ର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ନିହାତି ଅପରିହାର୍ଯ୍ୟ କ୍ଷ ପାଠ୍ୟକ୍ରମ ରେ ଥିବା ବିଷୟ ଗୁଡିକ କେବଳ ନମ୍ବର ଆଣିବା ପାଇଁ ପ୍ରଯୁଜ୍ୟ ନ ହୋଇ ବରଂ ବାସ୍ତବ ଜୀବନ ର ନୈତିକତା ଆଧାରରେ ପ୍ରସ୍ତୁତ କରାଯାଉ । ଜଣେ ବ୍ୟକ୍ତି କେବଳ ଯେ ଅଧିକ ନମ୍ବର ରଖି ଦେଲେ ଶିକ୍ଷିତ ହୋଇଯିବ ସେ ଧାରଣା ଭୁଲ ବରଂ ସବୁ କ୍ଷେତ୍ର ରେ ପରିମାର୍ଜିତ ହେବକ୍ଷ ନିହାତି ଅପରିହାର୍ଯ୍ୟ । ଧୀରେ ଧୀରେ ଶିକ୍ଷା ର ଗୁଣାତ୍ମକ ମାନ ର ଅବକ୍ଷୟ ହେବାରେ ଲାଗିଛି । ତେଣୁ ଛାତ୍ର ଛାତ୍ରୀ ମାନେ କେବଳ ନମ୍ବର ରଖିବାକୁ ଆଶାୟୀ ହୋଇ ବିଭିନ୍ନ ବିକଳ୍ପ ସଂସ୍ଥା ଆପଣେଇ ନେଉଛନ୍ତି । ନିର୍ଦ୍ଧିଷ୍ଟ ବ୍ୟବଧାନ ରେ ବିଭିନ୍ନ ଟ୍ରେନିଂ କାର୍ଯ୍ୟକ୍ରମ ମାଧ୍ୟମ ରେ ସେମାନଙ୍କୁ ଶିକ୍ଷା ର ଗୁରୁତ୍ୱ ଓ ଆବଶ୍ୟକତା ବିଷୟରେ ଜ୍ଞାନ ଦେବା ଜରୁରୀ ।

ତାଳଚେର ଥର୍ମାଲ

## ତୀର୍ଯ୍ୟକ — କହିଲେ କହିବ କହୁଛି

ରାସ୍ତାରେ ଯିବା ଆସିବା ପାଇଁ ମଧ୍ୟ ଆମ ସମସ୍ତଙ୍କ ମନରେ ଭୟ ଆସିଗଲାଣି । କାହିଁକି ନା ଯେଉଁଭଳି ଭାବେ ନିର୍ଭୟରେ ଯୁବଗୋଷ୍ଠୀ ମାନେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନଗୁଡ଼ିକ ଚଲଉଛନ୍ତି ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀଙ୍କ ପ୍ରତି ସେମାନଙ୍କ ଦୃଷ୍ଟି ନାହିଁ । ସହରର ରାଜରାସ୍ତା ହେଉ କିମ୍ବା ଗଳି ହେଉ ସବୁଠି ଗାଡ଼ି ଚାଳକ ମାନେ କୌଣସି କିଛିକୁ ନଜର ନ ଦେଇ ଗାଡ଼ି ଚଲଉଛନ୍ତି । ସହରର ସାହି, ଗଳି ଗୁଡ଼ିକରେ ଜନବସତି ଥିବା ବେଳେ ପିଲା ଛୁଆ ମାନେ ରାସ୍ତା ଉପରେ ଖେଳୁଥାନ୍ତି । ଯଦି ଅତର୍କିତ ଗାଡ଼ି ଆସି ସେମାନଙ୍କୁ ଧକ୍କା ଦିଏ ତାହାଲେ ଜୀବନହାନୀ ଘଟିବା ସ୍ୱାଭାବିକ । ଏଥିସହ ରାସ୍ତା କଡ଼ରେ ମଧ୍ୟ ଦୋକାନ ଗୁଡ଼ିକ ଥିବା ଯୋଗୁଁ ଲୋକମାନେ ଜିନିଷପତ୍ର ନେବା ପାଇଁ ଆସିଥାନ୍ତି ତା' ସହ ଦୋକାନରେ ଆଡ୍ଡା ହେଉଥିବା ଦେଖାଯାଇଥାଏ । ଯେଉଁଥି ପାଇଁ ରାସ୍ତାକଡ଼ ଭିଡ଼ ଥିବା ବେଳେ ଯଦି ଦୈବାତ୍ ଗାଡ଼ି ଆସି ଧକ୍କା ଦିଏ ସେଥିପାଇଁ ଦାୟୀ କିଏ ହେବ । ଏମିତି ଅନେକ ଦୁର୍ଘଟଣାର ଖବର ଖବରକାଗଜର ଶିରୋନାମାରେ ମଧ୍ୟ ଲିପିବଦ୍ଧ ହୋଇଛି । କେବଳ ସେତିକି ନୁହେଁ ରାଜରାସ୍ତା ଗୁଡ଼ିକରେ ଅତି ବେପରୁଆ ଭାବେ ଗାଡ଼ି ଚଲାଇବା ଦୃଶ୍ୟ ଦେଖିଲେ ଦେହ ଶିତେଇ ଉଠେ । ଏହା ଏକ ଉଦାହରଣ ବନିଥିବା ବେଳେ ପୁନଶ୍ଚ ଅନ୍ୟ ଏକ ଉଦାହରଣ ହେଉଛି ଘରୋଇ ଗାଡ଼ି ଗୁଡ଼ିକ ନିଜ ଘର ଦାଣ୍ଡରେ ନ ରଖି ରାସ୍ତା କଡ଼ରେ ରଖି ଦେଉଛନ୍ତି । ଯାହାକି ଦୁର୍ଘଟଣା ପାଇଁ ଆଉ ଏକ ଖୋରାକ ଯୋଗାଇଛି । ସେ ଦିନ ପ୍ରେସକୁ ଆସୁଥିବା ବେଳେ ପାଖ ରାସ୍ତାକଡ଼ରେ ୩/୪ଟି କାର୍ ଲାଇନ କରି ଛିଡା ହୋଇଛି । ତେବେ ରାସ୍ତା ସେତେ ପ୍ରଶସ୍ତ ନଥିବା ବେଳେ ଚାଲି ଚାଲି ଆସୁଥିବା ଲୋକମାନଙ୍କୁ ଗାଡ଼ି ଧକ୍କା ଦେଉଛି । ତେବେ ଅନ୍ୟ କାହାର ଉଦାହରଣ ନ ଦେଇ ନିଜେ ମଧ୍ୟ ପଛରୁ ଆସୁଥିବା ଗାଡ଼ିଟି ମୋତେ କୁଟି ଦେଇଥିଲା । ଦୁଇ ପଟୁ ଲୋକମାନେ ଯିବା ଆସିବା କରୁଥିବା ବେଳେ ରାସ୍ତାକଡ଼ରେ ଗାଡ଼ି ଛିଡା ହୋଇଥିବା ଯୋଗୁଁ ଦୁର୍ଘଟଣା ତ ଘଟିବ ଏଥିପାଇଁ ଆମେ ଦାୟୀ କାହାକୁ କରିବା ? ଜିଲ୍ଲାପ୍ରଶାସନ ଦୃଷ୍ଟି ଦେଲେ ମଧ୍ୟ ଯଦି ଲୋକମାନେ ନିଜେ ସଚେତନ ନ ହୋଇ ଏଭଳି ଅବିବେକୀ କାମ କରିବେ ଆମେ କାହାକୁ କହିବା ? ବେଳ ଥାଉଁ ଥାଉଁ ଆମେ ସାବଧାନ ହେବା ଏବଂ ନିଜକୁ ତଥା ଅନ୍ୟ ମାନଙ୍କ ଜୀବନକୁ ଆମେ ରକ୍ଷା କରିବା । ଏହାହିଁ ତ ଆମର କର୍ତବ୍ୟ ।











# ଜେଏସ୍ଏମ୍ କଲେଜ ଅଫ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସ ତରଫରୁ ଫେରୱେଲ ସେରିମୋନୀ

ବଲାଙ୍ଗୀର : ଜେଏସ୍ଏମ୍ କଲେଜ ଅଫ୍ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସର ଅଧ୍ୟୟନ ସାରିଥିବା ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଆଜି ଏକ ଫେରୱେଲ ସେରିମୋନୀ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଚଳିତ ଶିକ୍ଷା ବର୍ଷରେ କଲେଜର ଯୁକ୍ତ ୩ ପାସ୍ ଆଉଟ୍ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କଲେଜ ଅଧ୍ୟୟନ ସମୟର ସ୍ମୃତି ଏବଂ ଏକ ଘରୋଇ ବାତାବରଣ ମଧ୍ୟରେ ଅଧ୍ୟାପକମାନଙ୍କ ଶିକ୍ଷାଦାନ ତଥା କଲେଜ ପ୍ରତି ରହିଥିବା ଆନୁଗତ୍ୟକୁ ଛାତ୍ରଛାତ୍ରୀମାନେ ମନେ ପକାଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ବରଗଡ଼ର ପୂର୍ବତନ ସାଂସଦ ଡ. ପ୍ରଭାସ ସିଂହ ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ନେଇ ଆମର ଶିକ୍ଷା ବ୍ୟବସ୍ଥା ହେବା ସହ ଶିକ୍ଷାଦାନ ବ୍ୟତିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କେରିୟର କାଉନସେଲିଂ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଅବସରରେ କଲେଜର ଦୀପକ ସ୍ୱାଇଁ, ଯୁଗେଶ୍ୱର ଶବର, ପଦ୍ମାଳୟା ଷଡ଼ଙ୍ଗୀ, ସନ୍ଧ୍ୟା ଶର୍ମା, ଅନ୍ୱେଷା ପୂଝାରୀ, ମନୀଷା ରାଣୀ ପୂଝରୀ, ପ୍ରାଂଶୁ ଅଗ୍ରୱାଲଙ୍କୁ ମିଷ୍ଟର ଆଣ୍ଡ ମିସେସ୍ ଜେଏସ୍ଏମ୍ ଆୱାର୍ଡ ପ୍ରଦାନ କରାଯାଇଥିଲା । ସଭା ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷା ଡ. ମନସ୍ମିତା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଭାଇସ ପ୍ରିନ୍ସିପାଲ ଏବି ରାମ ଲିଷ୍ଟା ଅତିଥି ପରିଚୟ ପ୍ରଦାନ କରିଥିଲେ । କଲେଜର ଚେୟାରମ୍ୟାନ ସିଏ ଶ୍ରୀକାନ୍ତ ଶର୍ମାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଫେରୱେଲ ସେରିମୋନୀରେ କଲେଜର ଉପଦେଷ୍ଟା ମନୋରଞ୍ଜନ ସାହୁ ମଂଚାସୀନ ରହି ବିଦାୟ କାଳୀନ ଉତ୍ସବ ସମ୍ପର୍କିତ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବରେ ରସରାଜ ଅଚ୍ୟୁତ ପୁରୋହିତ ମଂଚାସୀନ ରହି ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରି ଯାଇଥିବା ଶିକ୍ଷାର୍ଥୀମାନେ ଅର୍ଜନ କରିଥିବା ଶିକ୍ଷାକୁ ପରବର୍ତୀ ଜୀବନରେ ପ୍ରୟୋଗ କରି ନିଜକୁ ଏକ ସୁନାଗରିକ ଭାବରେ ଗଢ଼ି ତୋଳିବାକୁ ପରାମର୍ଶ ଦେଇ ଥିଲେ । ସଭା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା.

# ଦକ୍ଷିଣକାଳୀ ପୀଠରେ ୧୫ତମ ବାର୍ଷିକ ପ୍ରବଚନ

ଭୁବନ : ଭୁବନର ପ୍ରସିଦ୍ଧ ଶକ୍ତିପୀଠ ବୁଦ୍ଧେଶ୍ୱର ରାସ୍ତାରେ ଅବସ୍ଥିତ ଶ୍ରୀ ଶ୍ରୀ ମା ଦକ୍ଷିଣ କାଳୀ ପୀଠରେ ଗତ ୧୫ ତାରିଖ ବୁଧବାର ଠାରୁ ୧୫ତମ ବାର୍ଷିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏଥିରେ ମାଳିକା ସମୀକ୍ଷକ ପ୍ରବଚକ ବିରେନ୍ଦ୍ର ପଣ୍ଡା ୧୫ ତାରିଖ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମକୁ ଉଦଘାଟନ କରି ନିଜେ ପ୍ରବଚନ ଦେଇଥିଲେ । ମାଳିକା ବିଚାରକ ପ୍ରବଚକ ମାନସ ଦାଶ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରବଚନ ଦେଉଛନ୍ତି । ୧୯ ତାରିଖ ରବିବାର ପ୍ରବଚକ ଦିବାକର ଦାସ,୨୦ ତାରିଖ ସୋମବାର ଭାଗବତ ବିଚାରକ ନୃସିଂହ ଚରଣ ଦାସ ଏବଂ ୨୧ ତାରିଖ ମଙ୍ଗଳବାର ତପସ୍ୱିନୀ ପାଢ଼ୀ ଯୋଗଦେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ଏହି ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇ ପ୍ରବଚନ ଶ୍ରବଣ କରିବା ସହ ମା ଦକ୍ଷିଣ କାଳୀ ଙ୍କ ଆଶିଷ ଲାଭ କରୁଛନ୍ତି । ଶେଷଦେବ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ତରଫରୁ ମଙ୍ଗୁଲି ନନା, ଶଙ୍କର ସାର, ପ୍ରତିମା ନାନି, ଚିନୁ, ମାନ, ଲିଟୁ, ମାମୁନ, ଚଗୁଲ, ଚିନୁ, ମାନସ, ହିମା, ଅବନା, ସରୋଜ, ପିପ, ସୁବାଷ, ଦିପୁ, ଉର୍ମି ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି

# ସୁବର୍ଣ୍ଣପୁରରେ ସିଏମ ଟ୍ରଫି -୨୦୨୬ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର : ଆସନ୍ତା ସିଏମ ଟ୍ରଫି ୨୦୨୬ ସମ୍ପର୍କିତ ପ୍ରସ୍ତୁତି ବୈଠକ ଶନିବାର ପୂର୍ବାହ୍ନ ୧୦ ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟର ମିନି କନଫରେନ୍ସ ହଲ୍ରେ ଅନୁଷ୍ଠିତ ହୋଇଥିଲା । ବୈଠକଟିକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଚିତରଞ୍ଜନ ମିଶ୍ର ଏହାକୁ ପରିଚାଳନା କରିଥିଲେ । ବୈଠକରେ ଉପଜିଲ୍ଲାପାଳ ସୋନପୁର ଶ୍ରୀମତୀ ସୌମ୍ୟରୂପା ରଥ, ଉପଖଣ୍ଡ ପୋଲିସ ଅଧିକାରୀ (ଏସ୍ଡିପିଓ) ଶ୍ରୀମତୀ କଲ୍ୟାଣୀ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ସିଏମ ଟ୍ରଫି ୨୦୨୬ ଆସନ୍ତା ଏପ୍ରିଲ ୨୧ ଓ ପରବର୍ତୀ ଦିନ ଅନୁଷ୍ଠିତ ହେବ । ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ୬ଟି ବ୍ଲକରୁ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ । ଏହି କ୍ରୀଡା କାର୍ଯ୍ୟକ୍ରମରେ ଭଲିବଲ୍ ଓ ଖୋ-ଖୋ ୧୪ ବର୍ଷ ତଳ ସ୍ତରରେ ଏବଂ କବଡ଼ି ୧୬ ବର୍ଷ ତଳ ସ୍ତରରେ ଆୟୋଜିତ ହେବ । ବୃଦ୍ଧି ପାଉଥିବା ତାପମାତ୍ରା ଓ ତୀବ୍ର ଗ୍ରୀଷ୍ମ ଦୃଷ୍ଟିରେ ରଖି କଡା ଏସଓପି ଅନୁସରଣ କରାଯିବ । ଖେଳଗୁଡ଼ିକୁ ପ୍ରାତଃକାଳୀନ ସମୟ ଏବଂ ସନ୍ଧ୍ୟା ୪ଟା ପରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି, ଯାହାଦ୍ୱାରା ଖେଳାଳିମାନେ ତାତିରୁ କିଛି ମାତ୍ରାରେ ରକ୍ଷା ପାଇବେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଚିତରଞ୍ଜନ ମିଶ୍ର କହିଥିଲେ, “ସିଏମ ଟ୍ରଫିର ସୁଚାରୁ ଓ ସୁରକ୍ଷିତ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଛି । ଖେଳାଳିମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଉଛି ।” ବୈଠକରେ କ୍ରୀଡାର ସଫଳ ଆୟୋଜନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଲଜିଷ୍ଟିକ୍ସ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଜିଲ୍ଲାସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମ: ୨୨ ଯୋଡ଼ା ବରବଧୂଙ୍କ ବିବାହ ସମ୍ପର୍ଣ୍ଣ

ଭଦ୍ରକ : ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ୨୨ ଜଣ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଭଦ୍ରକ ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଟାଉନ୍ ହଲ୍ ପରିସରରେ ଜିଲ୍ଲା ସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ଶ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ ମାଧ୍ୟମରେ ଦୁର୍ବଳ ପରିବାରର ଝିଅମାନଙ୍କ ବିବାହକୁ ସମ୍ମାନଜନକ ଭାବେ ସମ୍ପନ୍ନ କରିବାରେ ସରକାର ଏକ ମାନବିକ ପଦକ୍ଷେପ ନେଇଛନ୍ତି ।ଏହି ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ବରଂ କନ୍ୟା ସନ୍ତାନଙ୍କ ପ୍ରତି ସମାଜର ଦୃଷ୍ଟିଭଙ୍ଗୀକୁ ସକାରାତ୍ମକ କରିବାର ଏକ ସାର୍ଥକ ପ୍ରୟାସ । ପ୍ରତ୍ୟେକ କନ୍ୟା ସମ୍ମାନ, ସ୍ନେହ ଓସୁରକ୍ଷାର ଅଧିକାରୀଏହି ବାର୍ତ୍ତାକୁ ସମାଜରେ ପହଂଚାଇବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ।କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବ ଦମ୍ପତୀଙ୍କୁ ଆଶୀର୍ବାଦ ଦେଇ କହିଥିଲେ ଯେ,ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଂକଳ୍ପ । ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ । ଏହି ଯୋଜନା କେବଳ ବିବାହ ଉତ୍ସବ ନୁହେଁ, ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ । ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତା । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ , ଭଦ୍ରକ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଉର୍ମିଳା ନାୟକ, ଚାନ୍ଦବାଲି ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଶାନ୍ତିଲତା ସେଠୀ, ଭଣ୍ଡାରିପୋଖରୀ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁମତି ସେଠୀ, ବାସୁଦେବପୁର ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ନାଗେନ୍ଦ୍ର ବିଶ୍ୱାଳ, ବାସୁଦେବପୁର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିବେଦିତା ବେହେରା ଓ ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ଗୁଲମକି ହବିବ ଉପସ୍ଥିତ ରହିଥିଲେ ।ପ୍ରମୁଖ ଉପସ୍ଥିତ ରହି ବର ବଧୂଙ୍କୁ ଆଶୀର୍ବାଦ ଦେଇଥିଲେ । ସୂଚନାଯୋଗ୍ୟକି, ଆଜି ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍ରୁ ଆସିଥିବା ୨୨ ଯୋଡ଼ା ଯୁବକ-ଯୁବତୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ବିବାହ କରିଥିବା ସମସ୍ତ ୨୨ ଜଣ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେଥି ମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ୍ ଖାତାକୁ ପଠାଇ ଦିଆଯାଉଥିବା ବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଫେଲୋଶିପ୍, ଭଦ୍ରକ ଏବଂ ଜିଲ୍ଲା ପ୍ରଶାସନ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି । ବିବାହ ସମ୍ପର୍ଣ୍ଣ ପରେ ସମସ୍ତ ନବ ବିବାହିତ ଦମ୍ପତି ଯୌତୁକ ପ୍ରଥା ବିରୋଧରେ ପ୍ରତିଜ୍ଞା ନେବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଅଧିକାରିଣୀ ଶ୍ରୀମତୀ ମଧୁସ୍ମିତା ମହାପାତ୍ର ପରିଚାଳନା କରିଥିବାବେଳେ, ଫେଲୋଶିପ୍ର ସଭାପତି ଶ୍ରୀମତୀ ଝରଣା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଫେଲୋଶିପ୍ର ସମ୍ପାଦକ ଶ୍ରୀ ଲଲାଟେନ୍ଦୁ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ରୂପାଲି ମିତ୍ର ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହଯୋଗରେ ଅତ୍ୟନ୍ତ ଆଡମ୍ବର ସହିତ ସମାପନ ହୋଇଥିଲା ।

# ଗଞ୍ଜାମ ଜିଲ୍ଲାରେ ୩ ଦିନ ପାଇଁ ସ୍କୁଲ ଛୁଟି

ଗଞ୍ଜାମ: ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ ଛୁଟି ଘୋଷଣା କରାଯାଇଛି । ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ୨୧ରୁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବନ୍ଦ ରହିବ । ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ଏହି ନିୟମ ଲାଗୁ ହେବ । ତେବେ, ପୂର୍ବରୁ ନିର୍ଦ୍ଧାରିତ ପଂଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେ[ାରୀ ପରୀକ୍ଷା ନିୟମିତ ଭାବେ ଅନୁଷ୍ଠିତ ହେବ । ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରୀ କାମ ଚାଲୁ ରହିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ଝାରବନ୍ଧ ଠାରେ ସଚେତନତା ଶିବିର

ନୂଆପଡ଼ା : ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସିନାପାଲି ବ୍ଲକ୍ ସ୍ଥିତ ଝାରବନ୍ଧ ପଂଚାୟତ ଅନ୍ତର୍ଗତ ଦେବିଚରନ୍ ହାଇସ୍କୁଲରେ ନାଲ୍ସା (ପାଠ୍ୟକ୍ରମ ଛାଡିଥିବା ଓ ଅସୁବିଧାରେ ଥିବା ଛାତ୍ର ଛାତ୍ରୀଙ୍କ ପାଇଁ ଆର୍ଥିକ ସହାୟତା), ଯୋଜନା, ୨୦୨୫ ସମ୍ବନ୍ଧୀୟ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ସେଠ, ସିଡ଼ିପିଓ ଉର୍ମିଳା ମହାପାତ୍ର, ଝାରବନ୍ଧ ପଂଚାୟତର ସରପଂଚ ବେଣୁଧର ହରିଜନ, ପି ଇ ଓ ରୋହିତେଶ୍ୱର୍ ନାୟକ, ସିନାପାଲି ଅଧିବକ୍ତା ସଂଘର ଅଧିବକ୍ତାଗଣ ବାଣୀ ବଲ୍ଲଭ ପାଣିଗ୍ରାହୀ, ବିଜୟାନନ୍ଦ ବେହେରା, ଜଗବନ୍ଧୁ ମେହେର, ଗୁଣସାଗର ମେହେର, ବିଦ୍ୟାଳୟର ଶିକ୍ଷକଗଣ ଓ ସିନାପାଲି ତାଲୁକ ଆଇନ ସେବା ସମିତି ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ନାଲସା (ପାଠ୍ୟକ୍ରମ ଛାଡିଥିବା ଓ ଅସୁବିଧାରେ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ସହାୟତା) ଯୋଜନା, ୨୦୨୫ ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ ଓ ଶିଶୁଙ୍କୁ ପୁଣିଥରେ ବିଦ୍ୟାଳୟରେ ପ୍ରବେଶ ପାଇଁ ମିଳୁଥିବା ଆଇନ ସହାୟତା ବିଷୟରେ ଆଲୋକପାତ କରିଥିଲେ । ସେହିପରି ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ସେଠ ଅଧାରୁ ପାଠ୍ୟକ୍ରମ ଛାଡୁଥିବା ଓ ଅସୁବିଧାରେ ଥିବା ଛାତ୍ର ଛାତ୍ରୀଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ତଥା ମିଳୁଥିବା ଆର୍ଥିକ ସହାୟତା ବିଷୟରେ ଆଲୋକପାତ କରିଥିଲେ

# ସଶକ୍ତ ଓଡିଶା ପକ୍ଷରୁ ସରକାରଙ୍କ ଯୋଜନାର ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର : ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସାମାଜିକ ଅନୁଷ୍ଠାନ ସଶକ୍ତ ଓଡିଶା ପକ୍ଷରୁ ସ୍ଥାନୀୟ ସିଆରପି ସ୍ଥିତ କାର୍ଯ୍ୟାଳୟ ଠାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ମହିଳା ମାନଙ୍କୁ ନେଇ ସରକାରଙ୍କ ସଚେତନ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ସହିତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାୟ ୨୦ ଲକ୍ଷ ନୂଆ ସଦସ୍ୟ ସମବାୟ ସମିତିରେ ଆବେଦନ କରିବା ପାଇଁ କରିଥିବା ଯୋଜନାରେ ସଚେତନ ସହିତ ଫର୍ମ ପ୍ରସ୍ତୁତ କରି ଅନୁକୂଳ କରାଯାଇଥିଲା କ୍ଷ ଏହା ସହିତ ଏସି, ବିଶି, ଡିସିଙ୍କ ଦ୍ୱାରା ସଭ୍ୟ ସଂଗ୍ରହ ଆବେଦନ ଫର୍ମ ଆସିଲା ପରେ ସମବାୟ ନିବନ୍ଧକଙ୍କ ନିକଟରେ ପ୍ରଦାନ କରାଯିବ ବୋଲି ଆବାହକ ବିଜୟ କୁମାର ମତବ୍ୟକ୍ତ କରିଥିଲେ କ୍ଷ ଏଥି ସହିତ ସିବିଏସିରେ ଉତୀର୍ଣ୍ଣ ଛାତ୍ରୀ ସୁଶ୍ରୀ ସ୍ୱୟଂଶ୍ରୀ ସେନରିତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା କ୍ଷ ଅତିଥି ଭାବେ ଭାଷାପ୍ରାଣ ନବ କିଶୋର ପ୍ରଧାନ, କୁଳମଣି ରାଉତ, ସାମ୍ବାଦିକା ରୀନା ମହାନ୍ତି, ଡମ୍ବରୁଧର ହରଣ ସିଂ, ରାଜମିତ୍ରା ପ୍ରହରାଜ, ଆରତୀ ମିଶ୍ର ଉପସ୍ଥିତ ଥିବାବେଳେ ମମତାରାଣୀ, ଗୀତାଞ୍ଜଳି ଦାସ, ସୀତାକାନ୍ତ ରଣା ପରିଚାଳନା କରିଥିଲେ ।

# ଜିଲ୍ଲା ଆଇନ୍ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାରରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦ□ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ର ବିଭିନ୍ନ ବ୍ୟବସ୍ଥା ଯେପରିକି ଏଫ.ଆଇ.ଆର., ଜାମିନ, ସମନ ଏବଂ ୱାରେ□, ଆଇନଗତ ପ୍ରତିନିଧିତ୍ୱର ଅଧିକାର, ଅପିଲ, ଆବେଦନର ବାର୍ଗେନିଂ ଇତ୍ୟାଦି ଉପରେ ଆଇନଗତ ସାକ୍ଷରତା କାର୍ଯ୍ୟକ୍ରମ ଏବଂ ଶଶି ଅ ଶାହି ଚିକନା ବିବେକାନନ୍ଦ ଜୁମାନି-ଭର୍ସସ୍ -ମହାରାଷ୍ଟ୍ର ରାଜ୍ୟ (ଏସଏଲପି (ଫୌଜଦାରୀ) ନଂ. ୧୨୬୯୦/୨୦୨୫) ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି ଏବଂ ଜିଲ୍ଲା କାରାଗାର, ଭଦ୍ରକ , ଅଧୀକ୍ଷକ, ଶ୍ରୀ ବିକାଶ ସେଠୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାରାଗାରର କଏଦୀମାନଙ୍କୁ ସଚେତନତା କରାଇ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା ସ୍ତରୀୟ ସଦାଶିବ ତ୍ରିପାଠୀ ଜୟନ୍ତୀ, ସ୍ୱାଧୀନତା ସଂଗ୍ରାମ ଓ ଆଦିବାସୀଙ୍କ ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ

ମାଲକାନଗିରି : ମାଲକାନଗିରି ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ ଶ୍ରଦ୍ଧାର ସହ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡଃ. ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଉପ-ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ ଯେ, ଡଃ. ସଦାଶିବ ତ୍ରିପାଠୀ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଆଧୁନିକ ଓଡ଼ିଶାର ଜଣେ ଦୂରଦ୍ରଷ୍ଟା ନିର୍ମାତା । ତାଙ୍କର ନିର୍ମଳ ଶାସନ ଏବଂ ସମାଜର ମଙ୍ଗଳ ପାଇଁ ତାଙ୍କର ନିଷ୍ଠା ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମହାରଣା, ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଏବଂ ଅଧ୍ୟାପକ ଡଃ ରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଡଃ. ତ୍ରିପାଠୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ସେମାନେ ମିଳିତ ଭାବେ କହିଥିଲେ ଯେ, ଡଃ ତ୍ରିପାଠୀଙ୍କ ସରଳ ଜୀବନଯାପନ ଏବଂ ଶିକ୍ଷାର ପ୍ରସାର ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବ ଅତୁଳନୀୟ । ଜଣେ ଗାନ୍ଧୀବାଦୀ ନେତା ଭାବେ ସେ ସର୍ବଦା ନିଷ୍ପେସିତଙ୍କ ସ୍ୱର ହୋଇ ରହିଥିଲେ ଏବଂ ତାଙ୍କ ପଦାଙ୍କ ଅନୁସରଣ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ରଞ୍ଜନ ମହାନ୍ତି ଏବଂ ହରେକୃଷ୍ଣ କୀର୍ତନିୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଅସହ୍ୟ ତାତିରେ ସିଝୁଛି ଜୟପୁର

## ❋ ସମସ୍ୟା ବଢ଼ାଉଛି ବିଦ୍ୟୁତର ଲୁଚକାଳି ଖେଳ

## ❋ ବିଭିନ୍ନ ସ୍ଥାନରେ ମନଇଚ୍ଛା ବିଦ୍ୟୁତକାଟ୍

ଜୟପୁର : କୋରାପୁଟ ଜିଲ୍ଲାରେ ଗତ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି ଓ ଏହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି ଓ ପ୍ରବଳ ଖରାତାତି ସାଙ୍ଗକୁ ବିଦ୍ୟୁତ୍ ବିଭାଗର ଲୁଚକାଳି ଏହି ଦୁଃଖକୁ ଦ୍ୱିଗୁଣିତ କରିଛି । ବିଶେଷ କରି ଗତ ଦୁଇ ତିନି ଦିନ ହେଲା ତାପମାତ୍ରା ବୃଦ୍ଧି ପାଇଛି । ଏହି ତାପମାତ୍ରା ଭିତରେ ବିଭାଗୀୟ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ ମନଇଚ୍ଛା ବିଦ୍ୟୁତ୍ କାଟ ହେଉଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ଓ ଅନ୍ୟପକ୍ଷରେ ବିଦ୍ୟୁତ୍ ସରବରାହ ପ୍ରଭାବିତ ହେଉଛି । ଜୟପୁର ସହର ସମେତ କୋରାପୁଟ ଜିଲ୍ଲାର କୋଟପାଡ଼, ସେମିଳିଗୁଡା, କୋରାପୁଟ ସହ ବିଭିନ୍ନ ସ୍ଥାନରେ ପ୍ରବଳ ମାତ୍ରାରେ ଗ୍ରୀଷ୍ମ ପ୍ରବାହ ଅନୁଭବ ହୋଇ ଥାଏ । ଏହି କ୍ରମରେ ଚଳିତ ବର୍ଷ କିଛି ଦିନ ହେଲା ଜୟପୁର ସହରରେ ଯିବା ଆସିବା ଲୋକଙ୍କ ପାଇଁ କଷ୍ଟସାଧ ହୋଇପଡିଛି । ସଂଧ୍ୟା ପର୍ଯ୍ୟନ୍ତ ସହରର ପ୍ରମୁଖ ରାସ୍ତା ଖାଲି ପଡିଛି । ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଜିଲ୍ଲାର ପ୍ରାୟ ସବୁଆଡେ ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇଛି । ଗତ ପ୍ରାୟ ଗୋଟିଏ ସପ୍ତାହ ହେଲା ପ୍ରତ୍ୟେକ ଦିନ ତାପମାତ୍ରା ବୃଦ୍ଧି ପାଇଛି । ଖରା ସହ ଝାଞ୍ଜିପବନ ଯୋଗୁ ଦିନ ୧୦ଟାରୁ କିଛି ଦିନ ହେଲା ମନଇଚ୍ଛା ବିଦ୍ୟୁତ୍ କାଟି ଦିଆଯାଇଛି । ଏନେଇ କାରଣ ପଚାରିଲେ ବିଭାଗୀୟ କର୍ମଚାରୀ ବିଭିନ୍ନ ପ୍ରକାର ଆଳ ଦେଖାଉଛନ୍ତି ଓ ଜୟପୁର ସହରରେ ଯେତେବେଳେ ଲୋକମାନେ ତତଲା କଢେଇରେ ଭାଜି ହେଉଛନ୍ତି ସେହି ସମୟରେ ବିଦ୍ୟୁତ୍ ଲୁଚକାଳି ଖେଳ ଲୋକଙ୍କ ଅସନ୍ତୋଷ ବଢାଉଛି । ଅପରାହ୍ନ ୨ଟାରେ ବି ବିଦ୍ୟୁତ୍ କାଟି ଦିଆଯାଉଛି । ଏହାଫଳରେ ଲୋକେ ଗରମରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଧ୍ୟରାତିରେ ମଧ୍ୟ ମନଇଚ୍ଛା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦିଆଯାଉଛି । ତେବେ ଶକ୍ତି ବିଭାଗ ମନ୍ତ୍ରୀ ଗ୍ରୀଷ୍ମ ପ୍ରବାହରେ ବିଦ୍ୟୁତ୍ କାଟ କରି ଲୋକଙ୍କୁ ହଇରାଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଟାଟା ପାୱାର କିନ୍ତୁ ନିଜ ମନଇଚ୍ଛା କାରବାର ଚଳାଇଛି । ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ବେଖାତିର କରୁଛି । ଏନେଇ ଟାଟା ପାୱାର ଅଧିକାରୀଙ୍କୁ ପଚାରିଲେ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ କୁଲର, ଏସି ଚଳାଉଛନ୍ତି । ସେହିଭଳି ରନ୍ଧନ ଗ୍ୟାସ୍ ଅଭାବ ଯୋଗୁ ମଧ୍ୟ ଲୋକେ ଇଣ୍ଡକ୍ସନ ଓ ହିଟର ବ୍ୟବହାର ବଢାଇଛନ୍ତି । ମରାମତି ପାଇଁ ବିଦ୍ୟୁତ୍ କାଟିବାକୁ ପଡୁଥିବା ସେ କହିଛନ୍ତି ।

# ପାଣି ପାଇଁ ୨ କିଲୋମିଟର ଯାଉଛନ୍ତି ଗୁଡ଼ଭେଲି ଗ୍ରାମବାସୀ

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମପଂଚାୟତ ସ୍ଥିତ ଆଦିବାସୀ ବହୁଳ ଗୁଡଭେଲି ଗାଁରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା । ସରକାରଙ୍କ ବସୁଧା ଯୋଜନାରେ ଏହି ଗାଁକୁ ନିକଟସ୍ଥ ସୁନ୍ଦର ନଦୀରୁ ୧୯୯୭ ମସିହାରୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇଛି ସତ, ହେଲେ ଗାଁକୁ ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନି ଦିନ ଜଳ ଯୋଗାଣ ବନ୍ଦ ରହୁଛି । ଏଭଳି ଖାମଖିଆଲି ଭାବରେ ଜଳ ଯୋଗାଣ ହେଉଥିବାରୁ ବୁନ୍ଦାଏ ପାଣିପାଇଁ ଗାଁଲୋକେ ଏବେ ଡହଳ ବିକଳ ହେଉଥିବା ଦେଖାଦେଇଛି । ଶେଷରେ ବାଧ ହୋଇ ଗାଁର ମହିଳା ମାନେ ଶୋଷ ମେଂଟାଇବା ପାଇଁ ୨ କି.ମି. ଦୂର ସୁନ୍ଦର ନଦୀ ପଠାରେ ଗାତ ଖୋଳି ଦୂଷିତ ପାଣିକୁ ସଂଗ୍ରହ କରି ପାନୀୟ ଜଳ ଭାବରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ବିଭାଗ ଗାଁର ପାଣି ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବା ଗାଁର ମହିଳାମାନେ ଅଭିଯୋଗ କରିଛନ୍ତି । ଜିଲ୍ଲା ସଦର ମହୁକମା ଠାରୁ ୮୦ କି.ମି. ଦୂରତାରେ ଅବସ୍ଥିତ ଡୁଆଝର ଗ୍ରାମ ପଂଚାୟତର ଆଦିବାସୀ ବହୁଳ ଗୁଡ଼ଭେଲି ଗାଁ । ଏହି ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଗ୍ରୀଷ୍ମ ପ୍ରବାହରେ ଶୋଷ ମେଂଟାଇବା ପାଇଁ ଗାଁରେ ମହିଳା ମାନେ ୨ କି.ମି. ଦୂରତା ସୁନ୍ଦର ନଦୀ ପଠାରେ ଗାତ ଖୋଳି ପାଣି ସଂଗ୍ରହ କରୁଥିବା ଦେଖାଦେଇଛି । ଗାଁର ମହିଳା ମାନେ ଦଳ ଦଳ ହୋଇ ପ୍ରଚଣ୍ଡ ମୁଣ୍ଡ ଫଟା ଖରାକୁ ଖାତିରି ନକରି ବାଧହୋଇ ନଦୀ ପଠାକୁ ଯାଇ ନଦୀର ଦୂଷିତ ଜଳକୁ ସଂଗ୍ରହ କରୁଛନ୍ତି । ଏହି ପାଣି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇଥିବା ବେଳେ, ବିକଳ୍ପ ବ୍ୟବସ୍ଥା ନପାଇ ବାଧ ହୋଇ ଏହି ପାଣିରେ ଶୋଷ ମେଂଟାଉଥିବା ଗାଁ ମହିଳାମାନେ ପ୍ରକାଶ କରିଛନ୍ତି । ଏହି ଗ୍ରାମରେ ବସୁଧା ଯୋଜନାରେ ୧୯୯୭ ମସିହାରେ ନିକଟସ୍ଥ ସୁନ୍ଦର ନଦୀ ତଟରେ ଗଭୀର କୂପ ଖୋଳି ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉଥିଲା । ଗତ ୨୦୧୬ ମସିହା ପର୍ଯ୍ୟନ୍ତ ଗାଁ ଲୋକେ ଭଲ ଭାବରେ ପାଣି ପାଉଥିଲେ । ହେଲେ ୨୦୧୭ ମସିହାରୁ ଏହି ଜଳ ଯୋଗାଣ ପ୍ରକଳ୍ପ ସହ ସ୍ଥାନୀୟ ଡୁଆଝର ଗାଁକୁ ଯୋଡି ଦେଲା ପ୍ରଶାସନ । ଏହାପରେ ସମସ୍ୟା ଆରମ୍ଭ ହେଲା ଓ ଗୁଡଭେଲି ଗାଁକୁ ପାଣି ପହଂଚି ପାରିଲା ନାହିଁ । ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନି ଦିନ ଜଳ ଯୋଗାଣ ବନ୍ଦ ରହିଲା । ଆଗ ଭଳି ପର୍ଯ୍ୟାପ୍ତ ମାତ୍ରାରେ ପାଣି ନପାଇ ଗ୍ରାମବାସୀ ସ୍ଥାନୀୟ ସୁନ୍ଦର ନଦୀରୁ ପାନୀୟ ଜଳ ସଂଗ୍ରହ କରି ବ୍ୟବହାର କରୁଥିବା ସୂଚନା ଦେଇଛନ୍ତି । ଗାଁରେ ନଳକୂପ ନଥିବା ବେଳେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ୍ୟ ନଳକୂପ ନାହିଁ । ଯାହାଫଳରେ କୋମଳ ମତି ଛାତ୍ରଛାତ୍ରୀ ଜଳ କଷ୍ଟ ଭୋଗୁଛନ୍ତି । ଏପରିକି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ପାଚିକା ମାନେ ଗୋଟିଏ କି.ମି. ଦୂରତାରୁ ପାଣି ସଂଗ୍ରହ କରି ରୋଷେଇ କରୁଥିବା କହିଛନ୍ତି । ତୁରନ୍ତ ସରକାର ଏହି ଆଦିବାସୀ ଗାଁ ଲୋକଙ୍କ ପାଇଁ ପୂର୍ବ ଭଳି ଜଳ ଯୋଗାଣ ବ୍ୟବସ୍ଥା କରନ୍ତୁ, ନଚେତ ଆଗାମୀ ଦିନରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମର କୌଶଲ୍ୟା ଶବର, ନିଲେନ୍ଦ୍ରି ଶବର, ଧୀର ଶବର, ରେଖା ଶବର, ନୃପରାଜ ଶବରଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଅପରପକ୍ଷେ ଗୁଡଭେଲି ଗାଁକୁ ପାଣି ପହଂଚି ପାରୁନଥିବା ଘଟଣାକୁ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର ସ୍ୱୀକାର କରିବା ସହିତ ତଦନ୍ତ କରି ତୁରନ୍ତ ପାଣି ଯୋଗାଣ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

# ବଦଳୁଥିବା ଦୁନିଆରେ ସୋସିଆଲ ମିଡ଼ିଆର ଗୁରୁତ୍ୱ : ଏକ ସୂକ୍ଷ୍ମ ଅନୁଧ୍ୟାନ



**ସନ୍ଦୀପ ଚାଟାର୍ଜୀ**

ସାମ୍ବାଦିକତାକୁ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ପରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ବିଚାର କରାଯାଏ । ଏକ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରି ଏହା ଉତରଦାୟୀ, ପାରଦର୍ଶୀ ଏବଂ ତଥ୍ୟ ଆଧାରିତ ଜନମତ ସୃଷ୍ଟି କରେ । ଅର୍ଥାତ୍ କ୍ଷମତାର ଅପବ୍ୟବହାରକୁ ରୋକି ପ୍ରେସ, ସରକାର ଏବଂ ନାଗରିକଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବରେ କାର୍ଯ୍ୟ କରେ । ଛାପା ହେଉ ବା ଟେଲିଭିଜନ ଭଳି ପାରମ୍ପରିକ ଗଣମାଧ୍ୟମ ବର୍ଷ ବର୍ଷ ଧରି ଏହି ଦାୟିତ୍ୱ ନିର୍ବାହ କରି ଏକ ଜୀବନ୍ତ ତଥା ବିକଶିତ ଗଣତନ୍ତ୍ର ଭାବରେ ଭାରତର ନିର୍ମାଣରେ ଅବଦାନ ରଖିଆସିଛନ୍ତି । ଏହି ପ୍ରକାର ମିଡିଆରେ ପ୍ରସାରିତ ବା ପ୍ରକାଶିତ ବିଷୟବସ୍ତୁ ଅପେକ୍ଷାକୃତ ଯଥାର୍ଥ ତାର୍କିକ ଭାବେ ସମ୍ପାଦିତ ଏବଂ ତଥ୍ୟଗତ ଭାବେ ସଠିକ୍ ହୋଇଥାଏ । ଏଗୁଡ଼ିକର ପ୍ରକାଶନ ଚକ୍ର ଏକ ସୀମିତ ଭୌଗଳିକ ଅଂଚଳ ପାଇଁ ନିର୍ଦ୍ଧାରିତ ହୋଇଥାଏ । ଏଥିରେ ପ୍ରକାଶିତ ବିଷୟବସ୍ତୁ ପାଇଁ ସାମ୍ବାଦିକମାନେ ଉତରଦାୟୀ ରୁହନ୍ତି । ପ୍ରିଂଟ ମିଡିଆର ନିର୍ଦ୍ଧାରିତ ସ୍ୱରୂପ ବିପରୀତରେ ସୋସିଆଲ ମିଡିଆ ଜନ-ଭାଗିଦାରୀ ଦ୍ୱାରା ସମୃଦ୍ଧ ହୋଇଥାଏ । ଏହା ନିଷ୍କ୍ରିୟ ଦର୍ଶକମାନଙ୍କୁ ନିର୍ମାତା ଏବଂ ପ୍ରଚାରକରେ ପରିଣତ କରେ । ଏହାଦ୍ୱାରା ବିଚାର-ବିମର୍ଶର ଆରମ୍ଭ ହୁଏ । କିନ୍ତୁ ଏହା ସହିତ ଏକପାକ୍ଷିଆ ମତ ମିଳିବାର ଆଶଙ୍କା ବି ରହେ । ପ୍ରିଂଟ ମିଡିଆରେ ଥରେ ପ୍ରକାଶିତ ହୋଇସାରିଥିବା ବିଷୟବସ୍ତୁକୁ ଲିଭାଯାଇପାରିବ ନାହିଁ, କିନ୍ତୁ ସୋସିଆଲ ପ୍ଲାଟଫର୍ମରେ ଏଥିରେ କ୍ରମାଗତ ଭାବରେ ସମ୍ପାଦନା ଚାଲିଥାଏ । ପାରମ୍ପରିକ ମିଡିଆ ସଂଶୋଧନ ପାଇଁ ଅନୁମତି ଦିଏ, କିନ୍ତୁ ତାହା ସୋସିଆଲ ପ୍ଲାଟଫର୍ମ ଭଳି ବାରମ୍ବାର ହୋଇ ନଥାଏ । ପ୍ରିଂଟ ଏବଂ ଡିଜିଟାଲ ମିଡିଆରେ ବିଷୟବସ୍ତୁ ଅନିର୍ବାର୍ଯ୍ୟ ଭାବରେ ସମ୍ପାଦନା ପ୍ରକ୍ରିୟା ଦେଇ ଗତି କରୁଥିବାରୁ ତାହା ଯାଂଚ ହୋଇଥାଏ । ଅନ୍ୟପକ୍ଷରେ, ସୋସିଆଲ ମିଡିଆର ବିଷୟବସ୍ତୁ ଯଦି ଅସତ୍ୟ ଏବଂ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ହୁଏ, ତେବେ ତାହା ଏକ ବଡ଼ ଆହ୍ୱାନ ପାଲଟିଯାଏ । ସୋସିଆଲ ମିଡିଆ ଅନେକ ସମୟରେ ସୁଶାସନ ନିର୍ଣ୍ଣିତ କରିବା ପଥରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରେ । ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ଜାଣିଶୁଣି କିମ୍ବା ଅନ୍ୟ କାରଣରୁ ମିଥ୍ୟା ସମ୍ବାଦ ଏବଂ ଅପପ୍ରଚାରକୁ ଦ୍ରୁତ ଗତିରେ ପ୍ରସାର କରିବାରେ ସହାୟକ ହୋଇପାରନ୍ତି । ଏହାଦ୍ୱାରା ସମାଜରେ ଧ୍ରୁବୀକରଣ ସୃଷ୍ଟି ହୋଇପାରେ ଏବଂ ତଥ୍ୟ ଆଧାରିତ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ବାଧା ଉପୁଜିପାରେ । ୨୦୨୦ ମସିହାର ଦିଲ୍ଲୀ ଦଙ୍ଗା ଭଳି ଘଟଣାରେ ମିଥ୍ୟା ପ୍ରଚାର ଯୋଗୁଁ ଉତେଜନା ବଢ଼ିଥିଲା ଏବଂ ବ୍ୟବସ୍ଥା ବଜାୟ ରଖିବା ପାଇଁ ସରକାରୀ ପ୍ରୟାସ ଜଟିଳ ହୋଇପଡ଼ିଥିଲା । ଏହାର ଦ୍ରୁତ ପ୍ରସାରର ପ୍ରକୃତି ତଥ୍ୟ ଯାଂଚର ଗତିକୁ ପଛରେ ପକାଇ ଦିଏ । ଏହାଦ୍ୱାରା ଜନତାଙ୍କ ମଧ୍ୟରେ କ୍ରୋଧ କିମ୍ବା ଭୁଲ ତଥ୍ୟ ଆଧାରିତ ବିରୋଧ ଆରମ୍ଭ ହୋଇପାରେ । ସୋସିଆଲ ମିଡିଆର ଆଲଗୋରିଦମ୍ 'ଫିଲ୍ଟର ବବଲ୍' ତିଆରି କରି ପୂର୍ବଗ୍ରହକୁ ଦୃଢ଼ କରେ ଏବଂ ବିଭିନ୍ନ ଦୃଷ୍ଟିକୋଣ ପର୍ଯ୍ୟନ୍ତ ପହଂଚିବାକୁ ସୀମିତ କରିଦିଏ । ସିଏଏ ବିରୋଧରେ ପ୍ରଦର୍ଶନ ସମୟରେ ଏପରି 'ଇକୋ ଚାମ୍ବର୍ସ' ଆଲୋଚନା ପରିବର୍ତେ ବିଭାଜନକୁ ପ୍ରୋତ୍ସାହିତ କରିଥିଲା, ଯାହା ପ୍ରଶାସନ ପାଇଁ ପ୍ରଭାବଶାଳୀ ଯୋଗାଯୋଗ କରିବା କଷ୍ଟକର କରିଦେଇଥିଲା । ସରକାରଙ୍କୁ ଅନଲାଇନରେ ବହୁଳ ଜନସାଧାରଣଙ୍କ ସମୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ । ଏଠାରେ ଗୋଟିଏ ଭୁଲ ପଦକ୍ଷେପ ଏପରି ଏକ ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି କରିପାରେ, ଯାହାର ତୁରନ୍ତ ସମାଧାନ କରିବା ଆବଶ୍ୟକ । ବିଶେଷ କରି ଅପପ୍ରଚାରର ଯୋଜନାବଦ୍ଧ ଅଭିଯାନ ସମୟରେ ନିୟନ୍ତ୍ରଣ ଏବଂ ସନ୍ତୁଳନର ସୀମିତ ସମ୍ବଳ କ୍ଷମତାକୁ ଆହୁରି ଦୁର୍ବଳ କରିଦିଏ । ଏହି ପ୍ରକାର ବିପଦର ମୁକାବିଲା କରିବା ପାଇଁ କରାଯାଉଥିବା ପ୍ରୟାସ ପ୍ରାୟତଃ ନିରୀକ୍ଷଣ ଏବଂ ଗୋପନୀୟତା ସମ୍ବନ୍ଧୀୟ ଚିନ୍ତାଧାରାର ସମ୍ମୁଖୀନ ହୋଇଥାଏ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ନିକଟରେ ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟବର୍ତୀ ନିର୍ଦ୍ଦେଶାବଳୀ ଏବଂ ଡିଜିଟାଲ ମିଡିଆ ଆଚରଣ ସଂହିତା) ନିୟମାବଳୀ ୨୦୨୧ରେ ସଂଶୋଧନ ପ୍ରସ୍ତାବ ରଖିଛନ୍ତି । ଏହି ସଂଶୋଧନଗୁଡ଼ିକରେ ଅନଲାଇନ ସମ୍ବାଦ ଏବଂ ସାମ୍ପ୍ରତିକ ବିଷୟବସ୍ତୁର ନିୟମ ପାଇଁ ଫ୍ରେମୱାର୍କର ସମୀକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଛି । ଏଥିରେ ମନ୍ତ୍ରଣାଳୟର ପରାମର୍ଶ ଏବଂ ନିର୍ଦ୍ଦେଶଗୁଡ଼ିକର ଅନୁପାଳନକୁ ଦୃଢ଼ କରିବା ପାଇଁ ପ୍ରୟାସ ରହିଛି । ଏହି ପରିବର୍ତନଗୁଡ଼ିକ ସ୍ୱଭାବିକ ଭାବେ ବ୍ୟାଖ୍ୟାମୂଳକ ଏବଂ ପ୍ରକ୍ରିୟାମୂଳକ । କିନ୍ତୁ ଏଗୁଡ଼ିକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରାଗଲେ ଏହା ଇଂଟରନେଟକୁ ଅଧିକ ସୁରକ୍ଷିତ ଏବଂ ଉତରଦାୟୀ କରିବାରେ ସହାୟକ ହୋଇ ପାରେ । ଏହାଦ୍ୱାରା ଆଇନଗତ ନିର୍ଣ୍ଣିତତାରେ ଉନ୍ନତି ଆସିବ ଏବଂ ଅପପ୍ରଚାର ତଥା କ୍ଷତିକାରକ ବିଷୟବସ୍ତୁ ଯୋଗୁଁ ସୃଷ୍ଟି ହେଉଥିବା ଚିନ୍ତା ଦୂର ହେବ । ଶେଷରେ, ଏକ ସ୍ୱତନ୍ତ୍ର, ସୁରକ୍ଷିତ, ବିଶ୍ୱସନୀୟ ଏବଂ ଉତରଦାୟୀ ଇ[ରନେଟ୍ ପାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର । ଆନ୍ତଃ-ବିଭାଗୀୟ କମିଟିର ସମ୍ପ୍ରସାରିତ ଭୂମିକା ଏହାକୁ ଅଭିଯୋଗର ପରିସର ବାହାରେ, ବ୍ୟାପକ ବିଷୟବସ୍ତୁ ଉପରେ ବିଚାର କରିବାକୁ ଅନୁମତି ଦିଏ । ଏହା ଅବୈଧ ବିଷୟବସ୍ତୁର ଉତମ ଯାଂଚ ଏବଂ ଦ୍ରୁତ ଗତିରେ ବ୍ୟାପୁଥିବା ବିଭ୍ରାନ୍ତିକର ସୂଚନା ଉପରେ ତୁରନ୍ତ ପ୍ରତିକ୍ରିୟା ଦେବା ସକ୍ଷମ କରେ । ସଂଶୋଧନରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ସୂଚନା ପ୍ରଯୁକ୍ତି ନିୟମ, ତଥ୍ୟ ସୁରକ୍ଷିତ ରଖିବାର ପ୍ରତିବଦ୍ଧତାକୁ ଅନ୍ୟ ଆଇନଗୁଡ଼ିକରେ 'ବିନା କୌଣସି ପୂର୍ବଗ୍ରହରେ' କାର୍ଯ୍ୟ କରନ୍ତି, ଯାହା ସମ୍ଭାବ୍ୟ ଭାବରେ ଯାଂ ଏବଂ ଆଇନଗତ ପ୍ରକ୍ରିୟାରେ ସହାୟତା ପ୍ରଦାନ କରେ । ସମାଲୋଚକମାନେ ଯୁକ୍ତି କରନ୍ତି ଯେ ଏହି ସଂଶୋଧନଗୁଡ଼ିକ ଅନଲାଇନ ଅଭିବ୍ୟକ୍ତି ଉପରେ କାର୍ଯ୍ୟନିର୍ବାହୀ କ୍ଷମତାର ସମ୍ପ୍ରସାରଣକୁ ଦର୍ଶାଉଛି । ନିୟମ ୩(୪) ର ଅନ୍ତର୍ଭୁକ୍ତିକରଣ, ଯାହା ସୂଚନା ପ୍ରଯୁକ୍ତି ଆଇନର ଧାରା ୭୯ ଅଧୀନରେ 'ସେଫ୍ ହାର୍ବର' (ଆଇନଗତ ସୁରକ୍ଷା) ବଜାୟ ରଖିବା ପାଇଁ ସରକାରୀ ନିର୍ଦ୍ଦେଶ ସହିତ ମଧ୍ୟବର୍ତୀ ସଂସ୍ଥା ମାନଙ୍କ ଅନୁପାଳନକୁ ଅନିର୍ବାର୍ଯ୍ୟ କରେ, ତାହାକୁ ଆଇଟି ଆକ୍ଟର ନିୟମ ପ୍ରଣୟନ କ୍ଷମତା ବାହାରେ ବୋଲି ବିଚାର କରାଯାଉଛି । ଆଇନଗତ ସୁରକ୍ଷା ଛଡ଼ାଇ ନିଆଯିବା ଭୟରେ, ଏହି କମ୍ପାନୀଗୁଡ଼ିକ ଆବଶ୍ୟକତାଠାରୁ ଅଧିକ କଡ଼ା ପଦକ୍ଷେପ ଗ୍ରହଣ କରିପାରନ୍ତି, ଯାହାଦ୍ୱାରା ଇଂଟରନେଟରେ ଲୋକଙ୍କ କଥାକୁ ଅଯଥାରେ ରୋକାଯାଇପାରେ କିମ୍ବା ହଟାଇ ଦିଆଯାଇପାରେ । 'ସମ୍ବାଦ ଏବଂ ସାମ୍ପ୍ରତିକ ବିଷୟବସ୍ତୁ'ର ବ୍ୟାପକ ସଂଜ୍ଞାକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି, ଯାହାର ପରିସର ମଧ୍ୟରେ ସୋସିଆଲ ମିଡିଆ ପୋଷ୍ଟ ଏବଂ ଭିଡିଓ ଟିପ୍ପଣୀ ସହିତ ବ୍ୟବହାରକାରୀଙ୍କ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ ମଧ୍ୟ ସରକାରୀ ନିୟମ ଅଧୀନକୁ ଆସିପାରେ । ଜେନେରେଟିଭ୍ ଏଆଇ ପ୍ଲାଟଫର୍ମକୁ 'ମଧ୍ୟବର୍ତୀ ସଂସ୍ଥା' ଶ୍ରେଣୀରେ ବିଚାର କରାଯିବ କି ନାହିଁ ତାହା ସ୍ପଷ୍ଟ ନୁହେଁ, ଯାହା ନିୟମ ଲାଗୁ କରିବାରେ ଅସୁବିଧା ସୃଷ୍ଟି କରିପାରେ । ଯଦିଓ ସରକାରଙ୍କ ଲକ୍ଷ୍ୟ ହେଉଛି ଇଂଟରନେଟକୁ ସୁରକ୍ଷିତ ଏବଂ ଦାୟିତ୍ୱ ସମ୍ପନ୍ନ କରିବା, କିନ୍ତୁ ସମାଲୋଚକମାନେ କହନ୍ତି ଯେ ଯଦି ଏହି ବ୍ୟବସ୍ଥାଗୁଡ଼ିକୁ ବ୍ୟାପକ ଭାବରେ ଲାଗୁ କରାଯାଏ, ତେବେ ଏହା ମିଡିଆର ସ୍ୱାଧୀନତାକୁ ବିପଦରେ ପକାଇପାରେ ଏବଂ ଅତ୍ୟଧିକ ସେନ୍ସରସିପ୍ର ପରିବେଶ ସୃଷ୍ଟି କରିପାରେ । ଏହି ପରିପ୍ରେକ୍ଷୀରେ ନ୍ୟାୟିକ ଘଟଣାବଳୀର ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ । ସେପ୍ଟେମ୍ବର ୨୦୨୫ରେ, କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କ 'ସହଯୋଗ' ପୋର୍ଟାଲ ବିରୋଧରେ ଏକ୍ସ କର୍ପ (ପୂର୍ବରୁ ଟ୍ୱିଟର)ର ଆବେଦନକୁ ଖାରଜ କରିଦେଇଥିଲେ । 'ସହଯୋଗ' ପୋର୍ଟାଲ ସୋସିଆଲ ମିଡିଆ ପ୍ଲାଟଫର୍ମକୁ କଂଟେଟ ହଟାଇବା ପାଇଁ ନୋଟିସ ଜାରି କରିବାର ଏକ ମାଧ୍ୟମ ଅଟେ । ଏହି ଆଦେଶ ସାର୍ବଜନୀନ ବ୍ୟବସ୍ଥା ଏବଂ ସୁରକ୍ଷା ପାଇଁ ସୂଚନା ଓ ପ୍ରଯୁକ୍ତି ଆଇନ ଅଧୀନରେ ସରକାରଙ୍କ ନିୟାମକ ଶକ୍ତିକୁ ସ୍ପଷ୍ଟ ଭାବରେ ସ୍ୱୀକୃତି ଦେଇଛି । ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ବିଦେଶୀ ପ୍ଲାଟଫର୍ମଗୁଡ଼ିକ ଭାରତୀୟ ଆଇନ ପାଳନ କରିବା ଅନିର୍ବାର୍ଯ୍ୟ ଏବଂ ସେମାନେ ଅନୁଚ୍ଛେଦ ୧୯ ଅଧୀନରେ ପୂର୍ଣ୍ଣ ଅଧିକାର ଦାବି କରିପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତି ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଅନୁଚ୍ଛେଦ ୧୯(୨) ଅଧୀନରେ ଲଗାଯାଇଥିବା ପ୍ରତିବନ୍ଧକ ଅନୁଯାୟୀ ଅଟେ, ଯାହା ଦେଶର ସାର୍ବଭୌମତ୍ୱ ଏବଂ ସାର୍ବଜନୀନ ବ୍ୟବସ୍ଥା ରକ୍ଷା ପାଇଁ ଜରୁରୀ । ଅଦାଲତ 'ସହଯୋଗ' ପୋର୍ଟାଲକୁ 'ଜନହିତର ସାଧନ' ଭାବରେ ବର୍ଣ୍ଣନା କରିଛନ୍ତି, ଯାହା ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ଅଧିକାରୀଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରେ ଏବଂ ଏହାର ଅତିକ୍ରମଣ ଦାବିକୁ ଖାରଜ କରିଦେଇଛନ୍ତି । ନ୍ୟାୟାଳୟ ନିର୍ଦ୍ଦିଷ୍ଟ ସଂଶୋଧନ ସମ୍ବନ୍ଧୀୟ ଆବେଦନଗୁଡ଼ିକ ଉପରେ ଗଭୀର ଭାବରେ ବିଚାର କରିନାହାଁନ୍ତି, କିନ୍ତୁ ଏହି କଥା ଉପରେ ଗୁରୁତ୍ୱ ଦେଇଛନ୍ତି ଯେ ଯଦି ନିୟନ୍ତ୍ରଣ ଆନୁପାତିକ ହୁଏ ତେବେ ତାହା ସାମ୍ବିଧାନିକ ଭାବରେ ଗ୍ରହଣୀୟ । ଏ ସମ୍ବନ୍ଧୀୟ ଚର୍ଚ୍ଚା ଏବେ ସରଗରମ ରହିଥିବା ବେଳେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତି ସରକାରଙ୍କ ଅଧିକାରକୁ ନିର୍ଣ୍ଣିତ କରି ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ସୃଷ୍ଟି କରିଛି । ସୂଚନା ଅଭିଯାନର ବଢୁଥିବା ପରିସର ଆଉ ଏକ ଦିଗ ଯୋଡ଼ିଥାଏ । ଆଲଗୋରିଦମ୍ ଉପରେ ଆଧାରିତ ବଟ୍ସ ଏବଂ ପରସ୍ପର ସହିତ ଜଡ଼ିତ ନେଟୱାର୍କ ଏବେ ଦ୍ରୁତ ଗତିରେ ଅନଲାଇନ ଆଲୋଚନାକୁ ପ୍ରଭାବିତ କରୁଛନ୍ତି । କୃତ୍ରିମ ବୁଦ୍ଧିମତାରେ ହୋଇଥିବା ଅଗ୍ରଗତି 'ଡିପଫେକ୍' ଭିଡିଓ ତିଆରି କରିବା ସମ୍ଭବ କରିଛି, ଯାହାକୁ ଚିହ୍ନଟ କରିବା କଷ୍ଟକର ଏବଂ ଯାହାର ପ୍ରଭାବ କେବଳ ଲିଖିତ ମିଥ୍ୟା ପାଠ୍ୟ ତୁଳନାରେ ଅନେକ ଅଧିକ ଗଭୀର ହୋଇଥାଏ । ବୃଦ୍ଧି ପାଉଥିବା ପରିମାଣ ଏବଂ ଅଟୋମେସନ୍ ସହିତ, ଏହିପରି ପ୍ରଯୁକ୍ତିବିଦ୍ୟା ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ଜନସାଧାରଣଙ୍କ ବିଶ୍ୱାସ ସମ୍ମୁଖରେ ଗମ୍ଭୀର ଆହ୍ୱାନ ସୃଷ୍ଟି କରୁଛି । ସାମ୍ପ୍ରତିକ ପରିପ୍ରେକ୍ଷୀରେ, ଏକ ଜୀବନ୍ତ ଗଣତନ୍ତ୍ରକୁ ବଜାୟ ରଖିବା ଏବଂ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ କଂଟେଟ କ୍ରିଏଟରମାନଙ୍କୁ ଏକ ଉପଯୁକ୍ତ ନିରୀକ୍ଷଣ ବ୍ୟବସ୍ଥାର ପରିସରକୁ ଆଣିବା ଅନିର୍ବାର୍ଯ୍ୟ ହୋଇପଡୁଛି । ଯେପରି ସୋସିଆଲ ମିଡିଆ ବିକଶିତ ହେଉଛି, ତାହାର ନିୟମର ଢାଂଚାକୁ ମଧ୍ୟ ସେହି ଅନୁଯାୟୀ ବଦଳାଇବାକୁ ହେବ । ପ୍ରସ୍ତାବିତ ସଂଶୋଧନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ବିଦ୍ୟମାନ ଆଇନଗତ ଢାଂଚା ମଧ୍ୟରେ ଉତରଦାୟିତ୍ୱକୁ ମଜବୁତ କରିବା । ଏଗୁଡ଼ିକ ସରକାରଙ୍କୁ କୌଣସି ଅତିରିକ୍ତ କ୍ଷମତା ପ୍ରଦାନ କରୁନାହିଁ । ଏକ ସନ୍ତୁଳିତ ଏବଂ ପ୍ରଭାବଶାଳୀ ଡିଜିଟାଲ୍ ଇକୋସିଷ୍ଟମ୍ ଗଠନ କରିବା ପାଇଁ ଏହି ପଦକ୍ଷେପଗୁଡ଼ିକୁ ପାରଦର୍ଶିତା, ଆନୁପାତିକତା ଏବଂ ସାମ୍ବିଧାନିକ ନୀତି ପ୍ରତି ସମ୍ମାନକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ କରାଯିବା ଆବଶ୍ୟକ ।

***(ଲେଖକ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ପୂର୍ବତନ ଗୋଷ୍ଠୀ ସଂଯୋଜକ (ସାଇବର ଆଇନ) । ପ୍ରକାଶିତ ମତାମତ ଲେଖକଙ୍କ ବ୍ୟକ୍ତିଗତ ମତ)***

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସମାରୋହ ଅନୁଷ୍ଠିତ



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରେ ୨୨ ଜଣ କନ୍ୟା ମାନଙ୍କ ର ବିବାହ ସମ୍ପନ୍ନ ହୋଇଯାଇଛି କ୍ଷ ନୟାଗଡ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ଏକ ଆଡମ୍ବର ପୂର୍ଣ୍ଣ ପରିବେଶରେ ଜିଲ୍ଲାର ୮ଟି ବ୍ଲକରୁ ଆସିଥିବା ୨୨ଜଣ ଆର୍ଥିକ ଅନାଗ୍ରସର ବର୍ଗର କନ୍ୟା ମାନଙ୍କୁ ସରକାରୀ ସ୍ତରରେ ବିବାହ କରା ଯାଇଅଛି । ଏହି ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା କୁ ଦାୟୀତ୍ୱ ପ୍ରଦାନ କରାଯାଇ ଅଛି । ସେବା ଦ୍ୱାରା ପଠାଣି ସାମନ୍ତ ସଂସ୍କୃତି ଭବନକୁ ଆକର୍ଷଣୀୟ ଭାବେ ସାଜ ସଜା କରାଯାଇ ଥିଲା । କନ୍ୟାବିବାହ ପାଇଁ ୨୨ଗୋଟି ବେଦୀ ପ୍ରସ୍ତୁତ କରାଯାଇ ସେହି ପରିମାଣର ହୋମ କୁଣ୍ଡ ପ୍ରସ୍ତୁତ କରାଯାଇ ଥିଲା । ୨୨ ପୁରୋହିତଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ଓ ମଙ୍ଗଳ ବାଦ୍ୟ ରେ ନୟାଗଡ଼ ସହରରେ ଆଜି ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ସକାଳ ୮ଘଟିକା ରୁ ଆରମ୍ଭ ହୋଇଥିବା ଏହି ସାମୂହିକ ବିବାହ କାର୍ଯ୍ୟ ୧୨ଘଟିକା ସମୟ ପର୍ଯ୍ୟନ୍ତ ଚାଲିଥିଲା । ଜିଲ୍ଲାପାଳ ମଧୁମିତା ରଥ ଙ୍କ ମାର୍ଗଦର୍ଶନ ରେ ବିବାହ କାର୍ଯ୍ୟ ଚାଲିଥିଲା । ଦିବା ୧୨ଘଟିକା ସମୟରେ ଜିଲ୍ଲାପାଳ ମଧୁମିତା ରଥ ଙ୍କ ସଭାପତିତ୍ୱ ରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡ଼ାର ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ମୁନିସିପାଲିଟିର ଅଧକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲା ପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସମାଜ କଲ୍ୟାଣ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ ଓ ସେବା ଅନୁଷ୍ଠାନ ର ସଞ୍ଜୟ କୁମାର ସୁବୁଦ୍ଧି ଯୋଗଦେଇ ବର କନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ସମସ୍ତ ନବ ବିବାହିତ ଦମ୍ପତିଙ୍କୁ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ତରଫରୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା । 'ସେବା' ଦ୍ୱାରା ଝିଅ ପେଡି ଓ ଉପହାର ପ୍ରଦାନ କରାଯାଇଥିଲା ।

# ଶିକ୍ଷା ଏବଂ କୃଷି ଉଦ୍ୟାନ ବିଭାଗ ବିରୁଦ୍ଧରେ ଆସିଲା ସଙ୍ଗୀନ ଅଭିଯୋଗ



ଖୁଂଟା(ନିପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଆଦ୍ୟ ତା ୨୨.୦୪.୨୬ ରିଖ ପୂର୍ବାହ୍ନରେ ଖୁଂଟା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି, ଆର୍ଥିକ ବର୍ଷ ୨୦୨୫-୨୬ ର ଦ୍ୱିତୀୟ ପର୍ଯ୍ୟାୟ, ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣୀ ଶିବିର । ଏଥିରେ ସାମିଲ ହୋଇଛି ସମଗ୍ର ଶିକ୍ଷା ଏବଂ ପି ଏମ୍ ପୋଷଣ । ଖୁଂଟା ପଂଚାୟତ ସମିତି ପକ୍ଷରୁ ଆୟୋଜିତ ଉକ୍ତ ମହାତ୍ମା ଗାନ୍ଧୀ ଜାତୀୟ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିରରେ ନୋଡାଲ ଅଧିକାରୀ ଭାବେ, ପି. ଏ. ଆଇ.ଟି.ଡି.ଏ.କପ୍ତିପଦା ନରେନ୍ଦ୍ର ଖମାରୀ ଯୋଗ ଦେଇ ଥିବା ବେଳେ, ଖୁଂଟା ବିଡିଓ ସତ୍ୟଜିତ ରାଉତ, ଅଧ୍ୟକ୍ଷ ସୁଧନ୍ୟା ନାଏକ, ଉପାଧକ୍ଷା ଜବା କିଷ୍ଟୁ, ୧୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ହୃଦାନନ୍ଦ ମୁର୍ମୁ, ୧୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁନିତି ମରାଣ୍ଡି, ଏବଂ ଆସିଷ୍ଟାଂଟ ଇଂଜିନିୟର ବିନୟଜ୍ୟତି ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ଫୋଟ ଚିତ୍ରରେ ଧୂପ ଦୀପ ଏବଂ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବ୍ଲକ ସାମାଜିକ ସମୀକ୍ଷକ ଆଲୋକ ଜେନା, ମହିଳା ସମୀକ୍ଷକ ମାନଙ୍କ ଦ୍ୱାରା ଆଗତ ସମସ୍ତ ପଂଚାୟତର ସମୀକ୍ଷା ରିପୋର୍ଟ ପ୍ରଦାନ କରିଥିଲେ । ଏହି ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିରରେ, ଖୁଂଟା କୃଷି ଉଦ୍ୟାନ ବିଭାଗ ଅଧିକାରୀଙ୍କ ବିରୁଦ୍ଧରେ ଆସିଛି ସଙ୍ଗୀନ ଅଭିଯୋଗ । ଅଧିକାରୀ ଜଣକ ସାମାଜିକ ସମୀକ୍ଷକ ମାନଙ୍କୁ ବାରମ୍ବାର ସମୀକ୍ଷା ସମୟରେ ଅସହଯୋଗ କରିଛନ୍ତି । କୌଣସି ପ୍ରକଳ୍ପ ଏବଂ ରେକର୍ଡ ପତ୍ର ନ ଦେଖାଇ ସମୀକ୍ଷା ସମୟରେ ଲୁଚି ବୁଲିଲେ । ଏଭଳି ଘଟଣା କୃଷି ଉଦ୍ୟାନ ବିଭାଗରେ ମହା ଦୁର୍ନୀତି ହୋଇଥିବାର ସୂଚନା ଦେଉଛି ନିଶ୍ଚୟ । ଶ୍ରମିକ ମାନଙ୍କ ପାଇଁ ଉଦ୍ଧିଷ୍ଟ ଏହି ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିରରେ ଆସିଛି ସଙ୍ଗୀନ ଅଭିଯୋଗ । ସରକାରଙ୍କ ଉଦାସୀନତା ଯୋଗୁଁ, ମନରେଗା ଯୋଜନାରେ କାମକରି ଶ୍ରମିକ ମାନେ ମାଷ୍ଟରରୋଲ ବାହାରିବାର ମାସ ମାସ ଧରି ମଜୁରୀ ପାଉନଥିବା ଏବଂ ଉପାନ୍ତ ଅଂଚଳରେ ଏନ୍ ଏମ୍ ଏସ୍ ରେ ବାଧା ସୃଷ୍ଟି ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି, ସରପଂଚ ମଙ୍ଗଲ୍ ଟୁଡୁ । ଅନ୍ୟ ପଟେ ଖୁଂଟା ଶିକ୍ଷା ବିଭାଗ ବିରୁଦ୍ଧରେ ମଧ, ଉପସ୍ଥିତ ପି ଆର ଆଇ ମେମ୍ବର ବାଘରାୟ ସରେନ ଏବଂ ସାବିତ୍ରୀ ଟୁଡୁ ସଙ୍ଗୀନ ଅଭିଯୋଗ ଆଣଛନ୍ତି । ଯାହା ଖୁଂଟା ଶିକ୍ଷା ବିଭାଗ ଏବଂ ସମାଜ ମଙ୍ଗଳ ସମ୍ପ୍ରସାରଣ ବିଭାଗର କଳା କାରନାମା ପଦାରେ ପଡିଯାଇଛି ଏବଂ ଅଭିଯୋଗ ପରେ ନିଦ ହଜି ଯାଇଛି ଉପସ୍ଥିତ ଅଧିକାରୀମାନଙ୍କ । ପି.ଏମ ପୋଷଣ ନାମରେ ସେବାଶ୍ରମ ଗୁଡ଼ିକରେ ଆଦିବାସୀ ପିଲାଙ୍କୁ ଆଳୁ ଝୋଳ ଦିଆ ଯାଉଛି । ବ୍ଲକ ରେ ମୋଟ ୧୬୫୦୬ଟି ଶ୍ରମକାର୍ଡ଼ ଥିବାବେଳେ ୧୨୫୫୬ ଜଣଙ୍କୁ ଶ୍ରମ ଯୋଗାଇ ଦିଆଯାଇଛି । ୨୬୨୬ ଟି ପ୍ରକଳ୍ପ ହାତକୁ ନିଆ ଯାଇଛି । ୧୦୨୦ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ୩୫ ଲକ୍ଷ ଏକ ହଜାର ୭ ଶହ ୬୬ଟି ଶ୍ରମଦିବସ ସୃଷ୍ଟି ହୋଇଛି । ୩୯୮ ଶ୍ରମିକ ଶହେ ଦିନ କାର୍ଯ୍ୟ ପୂର୍ତି କରିଛନ୍ତି । ଏଥିପାଇଁ ସମୁଦାୟ ୯ କୋଟି ୨୫ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ଶ୍ରୀ ଖମାରୀ ସମସ୍ତ ଅଭିଯୋଗର ୭ ଦିନ ମଧ୍ୟରେ ସମାଧାନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ର ଇଂରାଜୀ ବିଭାଗ ତରଫରୁ ନୂତନ ଅଧ୍ୟକ୍ଷ ଭାବେ ଯୋଗଦାନ କରିଥିବା ପ୍ରାଧ୍ୟାପକ ଡଃ ସରୋଜ କୁମାର ଲେଙ୍କାଙ୍କୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଭାଗୀୟ ଅଧ୍ୟାପକ ଦତାତ୍ରେୟ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ଡଃ ଲେଙ୍କା ଜଣେ ଦୂରଦର୍ଶୀ ତଥା ସମୟାନୁବର୍ତୀ ମଣିଷ ଥିଲେ । ତାଙ୍କର ଏହି ଶୃଙ୍ଖଳା ମହାବିଦ୍ୟାଳୟ ପ୍ରଗତିରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ଡଃ ଲେଙ୍କା ଛାତ୍ରୀଛାତ୍ର ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ତଥା ପରୀକ୍ଷା ପରବର୍ତୀ ପ୍ରସ୍ତୁତି ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ଏଥିସହ କଲେଜ ଭିତିଭୂମିର ବିକାଶ, ଶୈକ୍ଷିକ ବାତାବରଣରେ ଉତ୍କୃଷ୍ଟତା ଇତ୍ୟାଦି ତାଙ୍କର ଲକ୍ଷ ବୋଲି ଉଲ୍ଲେଖ କରିଥିଲେ । ବିଭାଗୀୟ ଅଧ୍ୟାପିକା ପୂଜାରାଣୀ ଦାସ ଏବଂ ସମୃତି ବନ୍ଦିତା ଗାହାଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପଖୱାଡ଼ା ପାଳିତ



ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ଜିଲ୍ଲାର ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପଖୱାଡା ପାଳନ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ କୁମାରୀ ପ୍ରହରାଜ ସ୍ୱାଗତ ଅଭିଭାଷଣ ଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ପୋଷଣ ପଖୱାଡା ପାଳନର ପାଂଚଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ, ଯଥା- (୧) ମାତୃ ଓ ଶିଶୁ ପୋଷଣ, (୨) ମସ୍ତିଷ୍କ ବିକାଶ ପାଇଁ ପ୍ରାରମ୍ଭିକ ଉତେଜନା (୦-୩ ବର୍ଷ), (୩) ପ୍ରାରମ୍ଭିକ ବୟସରେ ଖେଳାଧାରିତ ଶିକ୍ଷା (୩-୬ ବର୍ଷ), (୪) ସ୍କ୍ରିନ ସମୟ କମାଇବାରେ ଅଭିଭାବକ ଓ ସମୁଦାୟର ଭୂମିକା, ଏବଂ (୫) ଶକ୍ତିଶାଳୀ ଅଙ୍ଗନବାଡ଼ି ପାଇଁ ସମୁଦାୟର ସମର୍ଥନ ସଂଗ୍ରହ । ଜିଲ୍ଲାରେ କୌଣସୀମା କିମ୍ବା ଶିଶୁ ପୋଷଣ ଅଭାବର ଶିକାର ନ ହେଉନ୍ତୁ, ଏହା ହିଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଉଦ୍ଦେଶ୍ୟ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଉଲ୍ଲେଖ କରିଥିଲେ । ସେ ପୋଷଣ ପଖୱାଡାର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ସମସ୍ତଙ୍କ ସହଯୋଗରେ ଏହାକୁ ସଫଳ କରିବାକୁ ଆହ୍ୱାନ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ହାରା ପୁଷ୍ଟିକର ଖାଦ୍ୟ ଏବଂ ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷା ସମ୍ବନ୍ଧୀୟ ଉପକରଣ ପ୍ରଦର୍ଶନ କରାଯାଇଥିଲା । ଏହା ସହିତ ରକ୍ତହୀନତା ପରୀକ୍ଷା ପାଇଁ କ୍ୟାମ୍ପ ଆୟୋଜନ କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପି.ଓ. ସି.ଡି.ପି.ଓ. ସୁପରଭାଇଜରମାନେ, ଅଙ୍ଗନବାଡୀ କର୍ମୀମାନେ, ପୋଷଣ ଡି. ସି.ଡି.ପି.ଏ. ବି.ସି. ମମତା ଡି.ପି.ସି., ମମତା ଡି.ପି.ଏ. ଏବଂ ମିଡିଆ ପ୍ରତିନିଧିମାନେ ସକ୍ରିୟ ଭାବେ ଯୋଗଦେଇଥିଲେ । ଶେଷରେ ପି.ଓ. ସୌଦାମିନୀ ଦାଶ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ ।



# ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ



କେନ୍ଦୁଝର,(ନି.ପ୍ର.): କେନ୍ଦୁଝର ଜିଲ୍ଲା ଶ୍ରମ ବିଭାଗ ଏବଂ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ହରିଚନ୍ଦନପୁର ବ୍ଲକ ଶଗଡପଟା ଗ୍ରାମ ପଂଚାୟତ ଅନ୍ତର୍ଗତ ବିଲା ଗାଁରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୮୮ଜଣ ଯୋଗ ଦେଇଥିଲେ । ଏଥିମଧ୍ୟରୁ ୯୮ଜଣ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ,ଅଣ ସଂଗଠିତ କାର୍ଯ୍ୟରେ ନିୟୋଜିତ ୬୪ଜଣ ଶ୍ରମିକ,୬୦ ବର୍ଷରୁ ଉର୍ଦ୍ଧ୍ୱ ୧୨ଜଣ ଏବଂ ୧୭ଜଣ ଅଣଶ୍ରମିକ ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପରେ ସହକାରୀ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ ୧୪ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ ବଂଟନ କରିଥିଲେ ଏବଂ ଅନ୍ୟ ଯୋଗ୍ୟ ଶ୍ରମିକମାନଙ୍କୁ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ୭୦ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥା । ଏଥିସହିତ ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥା । ନିଯୁକ୍ତିଦାତାମାନଙ୍କୁ ଗ୍ରୀଷ୍ମପ୍ରବାହ ସମୟରେ କାର୍ଯ୍ୟ ସମୟକୁ ପରିବର୍ତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥା । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ ନ କରିବାକୁ ସଚେତନ କରାଯାଇଥା । ନିର୍ମାଣଧିନ ସ୍ଥାନରେ ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା,ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ଏବଂ ଓଆରଏସ୍ ପ୍ୟାକେଟର ବ୍ୟବସ୍ଥା କରିବାକୁ କୁହାଯାଇଥିଲା । ସଚେତନତା କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ବିଷୟରେ ଅବଗତ କରାଯାଇଥିଲା । ଶିଶୁ ଶ୍ରମିକ ନିରୋଧ ଆଇନ ଏବଂ ଏଥିରେ ଥିବା ଦଣ୍ଡବିଧାନ,ପ୍ରବାସୀ ଶ୍ରମିକମାନଙ୍କୁ ପଂଚାୟତସ୍ତରରେ ପଞ୍ଜିକରଣ ବାବଦରେ ଅବଗତ କରାଯାଇଥିଲା । ବିଶେଷ କରି ବାହା ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ପଂଚାୟତସ୍ତରରେ ସ୍ୱେଚ୍ଛାକୃତ ଭାବେ ପଞ୍ଜିକରଣ କରି କେଉଁ ସ୍ଥାନକୁ ଏବଂ କେଉଁ ଠିକାଦାରଙ୍କ ଦ୍ୱାରା କାମ କରିବାକୁ ଯାଉଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କୁହାଯାଇଥିଲା । ଏହା ମୁଖ୍ୟତଃ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଏବଂ ସରକାରୀ ସୁବିଧା ସହିତ ଯୋଡିବା ପାଇଁ କରାଯାଇଥାଏ । ଶ୍ରମିକମାନେ ନିଜ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ଫର୍ମ ପୂରଣ କରି ଅଫ୍ ?ଲାଇନରେ ପଞ୍ଜିକରଣ କରିପାରିେ । ପଂଚାୟତ ବ୍ୟତିତ ଶ୍ରମିକମାନେ ମୋ ସେବା କେନ୍ଦ୍ର ମାଧ୍ୟମରେ ପାରିଶ୍ରମ ପୋର୍ଟାଲରେ ମଧ୍ୟ ସ୍ୱେଚ୍ଛାକୃତ ପଞ୍ଜିକରଣ କରିପାରିବେ ।

# ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



କେନ୍ଦୁଝର(ନି.ପ୍ର.) କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଧରଣୀଧର ଜୟନ୍ତୀ ଆୟୋଜନର ବିଭିନ୍ନ ବ୍ୟବସ୍ଥା ସମୀକ୍ଷା କରିବା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ ଯୋଗଦେଇଥିବା ବେଳେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର, ଭୂୟାଁ ସାଂସ୍କୃତିକ ସଙ୍ଘର ସମ୍ପାଦକ ଶ୍ୟାମସୁନ୍ଦର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ୫ ମଇ, ୨୦୨୬ ରେ କେନ୍ଦୁଝର ଜିଲ୍ଲା ଅଡିଟୋରିୟମ୍ ଠାରେ ଜିଲ୍ଲାସ୍ତରୀୟ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ କରାଯିବା ସହ ଜିଲ୍ଲାର ଅନ୍ୟ ସମସ୍ତ ସ୍ଥାନରେ ମଧ୍ୟ ସମାନ୍ତରାଳ ଭାବେ ଜୟନ୍ତୀ ଉତ୍ସବ ଧୂମଧାମରେ ପାଳନ କରାଯିବା ନେଇ ନିଷ୍ପତି ହୋଇଥିଲା । ଜୟନ୍ତୀ ସମାରୋହର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ପ୍ରମୁଖ ବିଷୟବସ୍ତୁ ମଧ୍ୟରେ ଧରଣୀଧରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଏବଂ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ଓ ଉତ୍କୃଷ୍ଟତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ଉତ୍ସବର ଗୁରୁତ୍ୱ ସହିତ ମର୍ଯ୍ୟାଦାପୂର୍ଣ୍ଣ ଏବଂ ସୁସମନ୍ୱିତ ଢଙ୍ଗରେ ଉତ୍ସବ ପାଳନ ସୁନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇଥିଲା । ଜୟନ୍ତୀର ସଫଳ ଆୟୋଜନା ପାଇଁ ପୂର୍ବରୁ ସମସ୍ତ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଥିଲା ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଧରିତ୍ରୀ ଦିବସ ପାଳିତ

କେନ୍ଦୁଝର(ନି.ପ୍ର.)କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଧରିତ୍ରୀ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀ ଯୋଗଦେଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର ଚିତରଞ୍ଜନ ସାହୁ, ଶିକ୍ଷା ଅଧିକାରୀ ଡକ୍ଟର ବିଷ୍ଣୁ ଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ ଯୋଗଦେଇ ମାନବକୃତ ଅସନ୍ତୁଳିତ ପରିବେଶ ଓ ବିଶ୍ୱ ତାପନ ବିଷୟରେ ଆଲୋଚନା କରିବା ସହ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପରିବେଶର ସୁରକ୍ଷା ପାଇଁ ସମସ୍ତଙ୍କୁ ଗଛ ଲଗାଇବା ଓ ତାହାକୁ ବଂଚାଇ ବଡ଼ କରିବା



ଏକ ମାତ୍ର ଉପାୟ ବୋଲି ସେ ଉପଦେଶ ଦେଇଥିଲେ । ଗଛ ରହିଲେ ଜୀବଜଗତ ରହିବ ବର୍ଦ୍ଧିତ ଜନସଂଖ୍ୟା ଓ ଶିଳ୍ପ ଅଭିବୃଦ୍ଧି ସହ ଯାନବାହାନ ବୃଦ୍ଧି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ଜ୍ଞଷର କହିଥିଲେ । ପରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଅଧ୍ୟାପିକା ସୌମିତା ଦୀକ୍ଷିତ ଅନ୍ତର୍ଜାତୀୟ ଧରିତ୍ରୀ ଦିବସ ଉପଲକ୍ଷେ ସମସ୍ତ ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ପରିବେଶ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ଓ ଆମ ପୃଥିବୀ ଆମ ଶକ୍ତି , ଆମେ ମିଳିମିଶି ପରିବେଶ ପ୍ରଦୂଷଣକୁ ରୋକିବା ସମ୍ପର୍କିତ ଶପଥ ପାଠ କରାଇଥିଲେ । ପରିବେଶରେ କର୍ବନ ଏମିଶନ କୁ କମାଇବା, ସୌରଶକ୍ତିର ବ୍ୟବହାର କରିବା, ପାରମ୍ପରିକ ଶକ୍ତି ବ୍ୟବହାରକୁ କମାଇବା ଆଦି ଉପରେ ବିସ୍ତୃତ ଆଲୋଚନା କରା ଯାଇଥିଲା । ଶେଷାର ଶ୍ରୀ ରଜତ କୁମାର ପାଢ଼ୀଙ୍କ ଧନ୍ୟବାଦ ଅର୍ପଣ ସହ ଏହି କାର୍ଯ୍ୟକ୍ରମକୁ ଶେଷ କରା ଯାଇଥିଲା ।

# ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମ ଆୟୋଜିତ

ବ୍ରହ୍ମପୁର(ନି.ପ୍ର.) :ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା (ଗକଇଣ )ଅନ୍ତର୍ଗତ ଜିଲ୍ଲାସ୍ତରୀଅ ସାମୁହିକ ବିବାହ କାର୍ଯ୍ୟକ୍ରମ ମା ସିଦ୍ଧ ଭୈରବୀ ମନ୍ଦିର, ମନ୍ତ୍ରୀଡ଼ି, ଗୋଳନ୍ଥରା ଠାରେ ଏକା ସଙ୍ଗେ ୧୧୧ ବରକନ୍ୟାଙ୍କ ସାମୁହିକ ବିବାହ ସଫଳତାର ସହ ସମ୍ପର୍ଣ୍ଣ ହୋଇଛି ।ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ପରିବହନ ମନ୍ତ୍ରୀ ନିଜେ ବିବାହ ମଣ୍ଡପରେ କର୍ତା ଭାବେ ହୋମକୁଣ୍ଡରେ ଆହୁତି ପ୍ରଦାନ ସହ କନ୍ୟାଦାନ କରିଥିଲେ ।ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ବିବାହ ସମୟରେ ପରିବାରମାନଙ୍କ ଉପରେ ପଡୁଥିବା ଅତ୍ୟଧିକ ଆର୍ଥିକ ଭାରକୁ କମେଇବା ସହ ସମାଜରେ



ସରଳ, ସମତାମୂଳକ ଓ ଆଇନସମ୍ମତ ବିବାହ ପ୍ରଥାକୁ ପ୍ରୋତ୍ସାହନ ଦେବା । ଗରିବ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ପରିବାରମାନଙ୍କ ପାଇଁ ଏହା ଏକ ବଡ଼ ସହାୟତା ସୃଷ୍ଟି କରିଛି ବୋଲି ମନ୍ତ୍ରୀ ମତ ରଖିଥିଲେ ।କାର୍ଯ୍ୟକ୍ରମ ସମୟରେ ବିବାହ ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା, ମଣ୍ଡପ, ପୂଜା ସାମଗ୍ରୀ, ଖାଦ୍ୟ ବ୍ୟବସ୍ଥା, ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା,ସରକାର ଙ୍କ ତରଫରୁ କରାଯାଇଥିଲା । ସମସ୍ତ ବିବାହ ଆଇନସମ୍ମତ ନିୟମ ଅନୁସାରେ ଓ ପାରମ୍ପରିକ ରୀତିନୀତି ମାନି ସମ୍ପନ୍ନ ହୋଇଥିଲା ।କାର୍ଯ୍ୟକ୍ରମରେ ଗଂଜାମ ଜିଲ୍ଲାପାଳ ଭି .କୀର୍ତିଭାଷନ,ଜିଲ୍ଲା ପ୍ରଶାସନ ର ଅନ୍ୟାନ୍ୟ ଅଧିକାରୀ ଏବଂ ବିଭିନ୍ନ ବର୍ଗର ସାମାଜିକ କର୍ମୀ ଉପସ୍ଥିତ ଥିଲେ ।

# ଦାଦନ ଶ୍ରମିକଙ୍କ କରୁଣ କାହାଣୀ, ଟ୍ରେନରେ ଦାଦନ ନିଖୋଜ

ନୂଆପଡ଼ା, (ନି.ପ୍ର) ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ଦାଦନ ଶ୍ରମିକ କରୁଣ କାହାଣୀ , ଦାଦନ ଖଟିବାକୁ ଯାଇ ସେଠାରେ ଟ୍ରେନ ନିଖୋଜ ହୋଇଥିବା ଘଟଣା ସାମ୍ନାକୁ ଆସିଅଛି । କାମ ଧନ୍ଦା ଅଭାବରୁ ପେଟ ପାଟଣା ପାଇଁ ନୂଆପଡ଼ା ଜିଲ୍ଲା କୋମନାର ପ୍ରଦ୍ୟୁମ୍ନ ବିଶି ହାଇଦ୍ରାବାଦକୁ ଯାଇଥିଲେ କ୍ଷ ଚଳିତ ମାସ ୧୦ ତାରିଖରେ ନିଜ ସାଙ୍ଗମାନଙ୍କ ସହ ପ୍ରତ୍ୟାବର୍ତନ ପାଇଁ



ବାହାରି ଥିଲେ କ୍ଷ କିନ୍ତୁ ୧୪ ଦିନ ହେବ ତାଙ୍କ ସହ ଆଉ କୌଣସି ଯୋଗାଯୋଗ ହୋଇ ପାରୁନି କ୍ଷ ପ୍ରଦ୍ୟୁମ୍ନ ବିଶି ଟ୍ରେନରେ ହିଁ ନିଖୋଜ ହୋଇ ଥିବା ତାଙ୍କ ମାଆ ନୂରା ବିଶି ଓ ବଡ ଭାଇ ଅଭିରାମ ବିଶି ଅଭିଯୋଗ କରିଛନ୍ତି କ୍ଷ କୋମନା ଥାନାରେ ଏକ ମାମଲା ରୁଜୁ କରିଥିବା ବେଳେ ପୋଲିସର ମତାମତ ମିଳି ପାରି ନାହିଁ କ୍ଷ ଜିଲ୍ଲା ଶ୍ରମ ବିଭାଗ କୁ ବିଶେଷ ଅନୁରୋଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନିଖୋଜ ଶ୍ରମିକଙ୍କୁ ଉପଯୁକ୍ତ ସନ୍ଧାନ କରିବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି ।

# ଝାରସୁଗୁଡ଼ା ଜିଲ୍ଲା ଜୁନିୟର ବାଳିକା ହକି ଦଳ ରାଉରକେଲା ଯାତ୍ରା

ଝାରସୁଗୁଡ଼ା(ନି.ପ୍ର.)-ହକି ଆସୋସିଏସନ ଅଫ ଓଡିଶା ତରଫରୁ ଆରମ୍ଭ ହୋଇଥିବା ଆନ୍ତଃ ଜିଲ୍ଲା ହକି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ଜୁନିୟର ବାଳିକା ହକି ଦଳ ଆଜି ସକାଳ ୯ଟାରେ ଟ୍ରେନ ଯୋଗେ ରାଉରକେଲା ଯାତ୍ରା କରିଛନ୍ତି । ଏହି ଟିମ ଆସନ୍ତା କାଲି ୨୩ ତାରିଖ ସକାଳେ ନିଜ ର ପ୍ରଥମ ମ୍ୟାଚ ଖେଳିବେ । ଏହି ଜୁନିୟର ଦଳରେ



ରାଜେଶ୍ୱରୀ ନାୟକ କ୍ୟାପଟେନ ଥିବା ବେଳେ ପ୍ରିନ୍ସି ନାଏକ,ଆରୁଷି ସାହୁ,ମାମା ପ୍ରଧାନ,ରସ୍ମିତା ବାଘ,ସ୍ନେହା ବାଘ,ଅଙ୍କିତା କିସାନ,ଲିସା ମିଞ୍ଜ,ରିୟା ମାଝୀ,ପାଲାକ ସିଂହ,ଏଞ୍ଜଲ ମିରିଗ,ନମ୍ରତା ସାହୁ,ଅର୍ଚ୍ଚନା ସାହୁ,ବିଷ୍ ?ପ୍ରିୟା ଦେହେରୀ ଓ ଲିଜା ନାଏକ ପ୍ରତିନିଧିତ୍ୱ କରୁଛନ୍ତି । ଦଳର ମ୍ୟାନେଜର ଭାବରେ ସକୁନ୍ଦ ନାଏକ ଓ କୋଚ ଭାବରେ ମଧୁମିତା ଖାଲଖୋ ଯାତ୍ରା କରିଛନ୍ତି ।
ଆଜି ସକାଳେ ଏହି ଦଳକୁ ଝାରସୁଗୁଡ଼ା ରେଲଷ୍ଟେସନରେ ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି,କ୍ଲେମେ[ ରୋନାଲ୍ଡ, ଭେଟି ଶୁଭେଚ୍ଛା ଜଣାଇଛନ୍ତି । ଜିଲ୍ଲା କ୍ରୀଡ଼ା ଅଧିକାରି ଅମ୍ରିତ ଆଚାର୍ଯ୍ୟ,ଜିଲ୍ଲା ହକି ଆସୋସିଏସନ ସଭାପତି ତଥା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ସଂପାଦକ ବ୍ରଜବନ୍ଧୁ ଭୋଇ,ସଦସ୍ୟ ପ୍ରଜ୍ୱଳ ପଟେଲ ଜିଲ୍ଲାକ୍ରୀଡା ଶିକ୍ଷା ଅଧିକାରୀ ସୁଶାନ୍ତ ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଯାଜପୁର(ନି.ପ୍ର.)ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ର ଆହ୍ୱାନ କ୍ରମେ ଯାଜପୁର ବ୍ଲକ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ବିଡିଓ ଙ୍କ ଜରିଆରେ ପ୍ରଧାନ କରାଯାଇଛି । ୨୦୨୫ ଅର୍ଥ ବୈଧକରଣ ନିୟମକୁ ବାତିଲ କରିବା ,ପେନସନର ମାନଙ୍କ ସ୍ୱାର୍ଥ ବିରୋଧୀ କୌଣସି ଆଇନ ଲାଗୁ ନ କରାଇବା,କରୋନା ସମୟର ୧୮ ମାସର ବକେୟା ମହଙ୍ଗା ଭତା ପ୍ରଦାନ କରିବା ଆଦି ୧୦ ଦଫା ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । । ଏହି ପ୍ରତିନିଧ ଦଳରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ରାୟ,ବ୍ଲକ ସଭାପତି ବାବାଜି ସାହୁ,ସଂପାଦକ ନକୁଳ ଦେବ ସାହୁ,ରାମଚନ୍ଦ୍ର ସାହୁ,କୃପାସିନ୍ଧୁ ମହାରଣା,ରାଜକିଶୋର କାଣ୍ଡି ଏବଂ ପଦ୍ମନାଭ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟର ସେକ୍ସନ ଅଫିସର ଭିଜିଲାନ୍ସ ଜାଲରେ

ଝାରସୁଗୁଡ଼ା(ନି.ପ୍ର.)ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଜି ଏକ ବଡ଼ ଧରଣର ଭିଜିଲାନ୍ସ ଚଢ଼ାଉ କରାଯାଇଛି ।ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ ଅଫିସର ଶ୍ରୀ ଅନିତ କୁମାର ଗୁରୁଙ୍କୁ ୨,୫୦୦ ଟଙ୍କା ଲାଂଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଏଘଗ (ଏରଭରକ୍ସବକ୍ଷ ଘଙ୍କକ୍ସୃସଭଶ ଗସୟଙ୍ଗସଲରକ୍ସଜ) ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଚଐଉ ଏବଂ ଉଐଉ ସ୍ତରରେ ପ୍ରାକ୍ଟିକାଲ ଟ୍ରେନିଂ ପାଇଁ ଅନୁମତି ଦେବା ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିଥିଲା । ଏହି କାର୍ଯ୍ୟ ପାଇଁ ଶ୍ରୀ ଗୁରୁ ଜଣେ ନର୍ସିଂ ସ୍କୁଲ ଶିକ୍ଷକଙ୍କୁ ଦୀର୍ଘ ଦିନ ଧରି ହଇରାଣ କରିବା ସହ ୨,୫୦୦ ଟଙ୍କା ଲାଂଚ ଦାବି କରିଆସୁଥିଲେ । ପୂର୍ବରୁ ମଧ୍ୟ ଜିଲ୍ଲାର ଅନ୍ୟ ନର୍ସିଂ ସ୍କୁଲଗୁଡ଼ିକୁ ସମାନ ଢଙ୍ଗରେ ହଇରାଣ କରୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା । ଲାଂଚ ଦାବିରେ ଅତିଷ୍ଠ ହୋଇ ସମ୍ପୃକ୍ତ ଶିକ୍ଷକ ଜଣକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଯୋଜନା ଅନୁଯାୟୀ, ଆଜି (୨୨.୦୪.୨୦୨୬) ଅପରାହ୍ନରେ ଶ୍ରୀ ଗୁରୁ ଲାଂଚ ଟଙ୍କା



ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା । ତାଙ୍କ ନିକଟରୁ ସମସ୍ତ ଚିହ୍ନିତ ଲାଂଚ ଟଙ୍କା ଜବତ କରାଯାଇଛି । ଏହି ଟ୍ରାପ୍ ପରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଗୁରୁଙ୍କ ସହ ଜଡ଼ିତ ଦୁଇଟି ପୃଥକ ସ୍ଥାନରେ ଆୟ ବହିର୍ଭୂତ ସମ୍ପତି ଠୁଳ ସନ୍ଦେହରେ ଚଢ଼ାଉ ଜାରି ରହିଛି । ଏହି ମାମଲାରେ ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନଂ ୦୨, ତା-୨୨.୦୪.୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି । ବର୍ତମାନ ଘଟଣାର ଅଧିକ ତଦନ୍ତ ଚାଲିଥିବା ବେଳେ ବିସ୍ତୃତ ରିପୋର୍ଟକୁ ଅପେକ୍ଷା କରାଯାଇଛି ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ ଅନୁଷ୍ଠିତ

ଯାଜପୁର(ନି.ପ୍ର.) ଗୋଟିଏ ଜାଗାରେ ୬୦ ଯୋଡ଼ା ବର କନ୍ୟାଙ୍କ ଏକା ସାଙ୍ଗରେ ବାହାଘର । ବର ବଧୂ ବେଶରେ ସୁସଜ୍ଜିତ ହୋଇଥିଲେ ନବ ଦମ୍ପତି । ତାହା ପୁଣି ବାଜା ରୋଷଣୀ ସହ ନୃତ୍ୟ ସଙ୍ଗୀତର ଆସରରେ ଖୁବ୍ ଧୁମଧାମରେ ପାରମ୍ପରିକ ରୀତିନୀତିରେ ହୋଇଥିଲା ବିବାହ କାର୍ଯ୍ୟକ୍ରମ । କେବଳ ସମ୍ପର୍କୀୟ ନୁହେଁ, ବରଂ ବରଯାତ୍ରୀରେ ସାମିଲ ହୋଇଥିଲେ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀଗଣ । ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲାରେ ଏଭଳି ଏକ ନିଆରା ସାମୂହିକ ବିବାହ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଆଜି ରାଜ୍ୟର ୨୭ଟି ଜିଲ୍ଲାରେ ୧,୦୦୦ରୁ ଉର୍ଦ୍ଧ୍ୱ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଆଜି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଷଠିପୁର ସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୬୦ ଯୋଡ଼ା ଦମ୍ପତିଙ୍କ ବିବାହ କାର୍ଯ୍ୟ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କହିଥିଲେ ଯେ, ଉତ୍କଳ ଜନନୀ, ଲିଙ୍ଗେଶ୍ୱର ମହାଦେବ ଏବଂ ମାଆ ବିରଜାଙ୍କ ଆଶୀର୍ବାଦ ନେଇ ଆଜି ସାମୂହିକ ବିବାହ କର୍ମ ସମ୍ପନ୍ନ ହୋଇଛି । ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ସାମାଜିକ କଲ୍ୟାଣକାରୀ ଯୋଜନା । ଆଜି ଯେଉଁମାନେ ବିବାହ କରିଛନ୍ତି, ସେମାନେ ସମସ୍ତେ ଏକ ବିଶେଷ ମୁହୂର୍ତର ସାକ୍ଷୀ ହୋଇପାରିଛନ୍ତି । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ନବ ଦମ୍ପତି ଏକା ସାଙ୍ଗେ ହାତ ଧରି ଆଗକୁ ବଢିବା ସହ ଚଲାପଥ କୁସୁମିତ ହେଉ ବୋଲି ଜିଲ୍ଲାପାଳ ପ୍ରାର୍ଥନା କରିଥିଲେ । ପୂର୍ବରୁ ଅନୁସୂଚିତ ଜାତି, ଜନଜାତି, ରାସନ କାର୍ଡଧାରୀ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀ, ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ, ବିଧବା, ଦିବ୍ୟାଙ୍ଗଙ୍କ ମଧ୍ୟରୁ ବିବାହ ପାଇଁ ୬୦ ଯୋଡ଼ି ବରକନ୍ୟାଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିଲା । ଆଜି ସକାଳ ୮ ଟାରେ ବର କନ୍ୟାଙ୍କ ପଞ୍ଜୀକରଣ ହେବା ପରେ ବିବାହ କର୍ମ ଆରମ୍ଭ ହୋଇଥିଲା । ୯.୩୦ ରେ ବାଜା ରୋଷଣୀ ସହ ସମସ୍ତ ବରଙ୍କୁ ନେଇ ସମ୍ପର୍କୀୟ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଏକ ବରଯାତ୍ରୀ ଶୋଭାଯାତ୍ରା କରିଥିଲେ । ନୃତ୍ୟ ବାଦ୍ୟର ତାଳେ ତାଳେ ସମସ୍ତେ ଖୁସିରେ ଏହି ବିଶେଷ ମୁହୂର୍ତକୁ ସ୍ମରଣୀୟ କରିପାରିଥିଲେ । ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ଶିଙ୍ଗ ବାଦ୍ୟ, ଶଙ୍ଖ, ତୁରୀର ଶବ୍ଦରେ ମନ୍ଦିର ପ୍ରାଙ୍ଗଣ ହୋଇଥିଲା ଉତ୍ସବମୁଖର । ପଣ୍ଡିତମାନଙ୍କ ମନ୍ତ୍ର ଧ୍ୱନିରେ ଏବଂ ମାଆମାନଙ୍କ ହୁଳହୁଳିରେ ସୃଷ୍ଟି ହୋଇଥିଲା ଏକ ଅପୂର୍ବ ପରିବେଶ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ,ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶରତ ପାତ୍ର, କୋରେଇ ବିଡ଼ିଓ ଅବନିକାନ୍ତ ସାହୁ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗ ଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ । ପ୍ରଶାସନ ପକ୍ଷରୁ ଜଳପାନ, ଥଣ୍ଡା ପାନୀୟ ଏବଂ ସାମୂହିକ ଦିବା ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିବାହ କରିଥିବା ସମସ୍ତ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେଥି ମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ୍ ଖାତାକୁ ପଠାଇ ଦିଆଯାଉଥିବା ବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପୋଲିସ ଫୋର୍ସ, ଅଗ୍ନିଶମ କର୍ମଚାରୀ ଓ ଆମ୍ବୁଲାନ୍ସ ମୁତୟନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗର କର୍ମଚାରୀ, ମନ୍ଦିର ପରିଚାଳନା କମିଟିର କର୍ମକର୍ତାମାନେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ ଅନୁଷ୍ଠିତ

ପୁରୀ (ନି.ପ୍ର.) ଆଜି ଅପରାହ୍ନ ରେ ପୁରୀ ଜିଲ୍ଲା ସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ ସଂସ୍କୃତି ଭ୍ବନ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ବିଶ୍ୱ ବିଦ୍ୟାଳୟ ର କୁଳପତି ପ୍ରଫେସର ଡ ସତ୍ୟ ନାରାୟଣ ଆଚାର୍ଯ୍ୟ ଭକ୍ତକବି ଜୟଦେବ ଆମ ଜାତିର ଚିର ନମସ୍ୟ ବୋଲି କହିଥିଲେ ।ତାଙ୍କ ରଚିତ ମଧୁର କୋମଳ କାନ୍ତ ପଦାବଳୀ ଗୀତଗୋବିନ୍ଦ ର ପଟାନ୍ତର ନାହିଁ ।ଯେଉଁ ଗୀତ ମହାପ୍ରଭୁଙ୍କ ର ପ୍ରିୟ ଓ ଯାହାକୁ ଶୁଣିଲେ ମହାପ୍ରଭୁ ନିଦ୍ରା ଯାଆନ୍ତି ତା ସମ ଆଉ ସୃଷ୍ଟି ନାହିଁ ବୋଲି କହିବା ସହ ଜୟଦେବ ଙ୍କ ପାଇଁ ଆମେ ସବୁ ଧନ୍ୟ ବୋଲି କହିଥିଲେ ।ଶ୍ରୀଜୟଦେବ ଫାଉଣ୍ଡେସନ, ଓଡ଼ିଶାର ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ସରକାର ୧୯୯୧ ମସିହା ଠାରୁ ଜୟଦେବ ଜୟନ୍ତୀ ପାଳନ କରିବା ସହ ଜୟଦେବ ଙ୍କ ନାମରେ ଏକ ନିର୍ବାଚନ ମଣ୍ଡଳୀ ମଧ୍ୟ କରାଯାଇଛି ।ଅନେକ ପୁସ୍ତକ ପ୍ରକାଶନ ମାଧ୍ୟମରେ ଜୟଦେବ ଓଡ଼ିଶାର ବୋଲି ପ୍ରମାଣିତ କରାଯାଇ ପାରିଛି ବୋଲି କହିଥିଲେ ।ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତ ଙ୍କୁ ସ୍ୱାଗତ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଓଡିଆ ଭାଷା ପ୍ରତିଷ୍ଠାନ ର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟୀକାୟତରାୟ,ପ୍ରାକ୍ତନ ସଂସ୍କୃତି ସହ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ,ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ଶ୍ରୀ ଜୟଦେବ ଫାଉଣ୍ଡେସନ ପୁରୀ ବ୍ରାଂଚ୍ ର ସଦସ୍ୟ ଅନାମ ଚନ୍ଦ୍ର ସାହୁ, ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗ ଦେଇ କବି ଜୟଦେବ ଙ୍କ ଜୀବନୀ,ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତି, ସମର୍ପଣ ଓ ଗୀତ ଗୋବିନ୍ଦ ରଚନା ସମ୍ପର୍କରେ ଆଲୋକପାତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମକୁ ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ବସନ୍ତ କୁମାର ପ୍ରଧାନ ସଂଚାଳନ କରିଥିଲେ ।ଏହି ଅବସରରେ ଜୟଦେବ ଙ୍କ ଜୟନ୍ତୀ ଠାରୁ ଜୟଦେବ ପୀଠ ରୁ ଆରମ୍ଭ ହୋଇଥିବା ସଂକୀର୍ତନ ମଣ୍ଡଳୀସଂସ୍କୃତି ଭବନରେ ପହଂଚି କଳା ପରିବେଷଣ କରିଥିଲେ । ଏହାପରେ ସାଂସ୍କୃତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କେଦାରନାଥ ଧାମ ଏବଂ ଚାରଧାମ ଯାତ୍ରା ଆମର ଆସ୍ଥାର ପରମ୍ପରା ଅଟେ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଆଜି ଖୋଲିଛି କେଦାର ନାଥ ଧାମର ଦ୍ୱାର । ଏହି ଅବସରରେ ପିଏମ ମୋଦି ସମସ୍ତ ଶ୍ରଦ୍ଧାଳୁଙ୍କୁ ଶୁଭକାମନା ଜଣାଇବା ସହ କେଦାରନାଥ ଧାମ ଏବଂ ଚାରଧାମ ଯାତ୍ରା ଆମର ଆସ୍ଥାର ପରମ୍ପରା ଅଟେ ବୋଲି କହିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ପିଏମ ମୋଦି କହିଛନ୍ତି ଯେ, ଦେବଭୂମି ଉତରାଖଣ୍ଡର ପବିତ୍ର ଧରାରେ ଆଜି ଶ୍ରୀ କେଦାରନାଥ ଧାମର ଦ୍ୱାର ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପୂର୍ଣ୍ଣ ବିଧି-ବିଧାନ ସହ ଖୋଲାଯାଇଛି । କେଦାରନାଥ ଧାମ ଏବଂ ଚାରଧାମର ଏହି ଯାତ୍ରା ଆମର ଆସ୍ଥା, ଏକତା ଏବଂ ସମୃଦ୍ଧ ପରମ୍ପରାର ଦିବ୍ୟ ଉତ୍ସବ ଅଟେ । ଏହି ଯାତ୍ରାମାନଙ୍କ ମାଧ୍ୟମରେ ଆମେ ଭାରତର ସନାତନ ସଂସ୍କୃତିର ଦର୍ଶନ କରିପାରୁ । ଏହି ବର୍ଷ ଚାରଧାମ ଯାତ୍ରାର ଆରମ୍ଭ ଉତ୍ସବ ଅବସରରେ, ଉତରାଖଣ୍ଡକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପିଏମ ମୋଦି ଏକ ପତ୍ର ମାଧ୍ୟମରେ ତାଙ୍କ ଭାବନା ବ୍ୟକ୍ତ କରିଛନ୍ତି । ପିଏମ ମୋଦି କାମନା ଯେ, ବାବା କେଦାର ସମସ୍ତଙ୍କ ଉପରେ ତାଙ୍କର କୃପା ରଖନ୍ତୁ ଏବଂ ସମସ୍ତଙ୍କ ଯାତ୍ରାକୁ ଶୁଭ କରନ୍ତୁ ।

# ଖରାଛୁଟିରେ ଘରେ ପଢ଼ିବେ ଛାତ୍ରଛାତ୍ରୀ, ହ୍ୱାଟ୍ସଆପ୍ ଜରିଆରେ ମିଳିବ ପାଠ୍ୟ ବିଷୟବସ୍ତୁ

ଭୁବନେଶ୍ୱର : ସ୍କୁଲ ପଢୁଆ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ବଡ଼ ଖବର । ଏଥରକ ଖରାଛୁଟିରେ ପିଲାମାନେ ଘରେ ବସି ହ୍ୱାଟ୍ସଆପ୍ ଯୋଗେ ପାଠ ପଢ଼ିବେ । ଛୁଟି ସମୟରେ ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହ ଯୋଡ଼ି ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଚଳିତବର୍ଷ 'ସମର ଲର୍ଣ୍ଣିଂ ପ୍ରୋଗ୍ରାମ-୨୦୨୬' (ଗ୍ରୀଷ୍ମକାଳୀନ ଶିକ୍ଷା କାର୍ଯ୍ୟକ୍ରମ) ଆରମ୍ଭ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ବାଟିକାଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମନୋରଞ୍ଜନଭିତିକ ଶିକ୍ଷାଦାନ କରାଯିବ । ଏହି ଅଭିଯାନ ଅଧୀନରେ ପ୍ରତିଟି ବିଦ୍ୟାଳୟରେ ଶ୍ରେଣୀଭିତିକ ଅଭିଭାବକ ହ୍ୱାଟସଆପ୍ ଗ୍ରୁପ୍ ଖୋଲାଯିବ । ସରକାରଙ୍କ ତରଫରୁ ପ୍ରଦତ ଏକ ସ୍ୱତନ୍ତ୍ର 'ଚାଟ୍‌ବଟ୍' ଏହି ଗ୍ରୁପ୍‌ରେ ସାମିଲ ହେବ । ଏହା ମାଧ୍ୟମରେ ସପ୍ତାହକୁ ଏକରୁ ତିନିଥର (ଶ୍ରେଣୀ ଅନୁଯାୟୀ) ପାଠ୍ୟ ବିଷୟବସ୍ତୁ, ଶିକ୍ଷଣୀୟ ଭିଡିଓ ଆଦି ସେୟାର କରାଯିବ । ଯେଉଁ ଅଭିଭାବକଙ୍କ ପାଖରେ ସ୍ମାର୍ଟଫୋନ୍ ବା ହ୍ୱାଟ୍ସଆପ୍ ସୁବିଧା ନାହିଁ, ସେମାନଙ୍କ ପାଇଁ ସରକାର ବିକଳ୍ପ ବ୍ୟବସ୍ଥା କରିଛନ୍ତି । ସେମାନଙ୍କୁ ଏସ୍‌ଏମ୍‌ଏସ୍ କିମ୍ବା ଆଇଭିଆରଏସ୍ (ଅଟୋମେଟେଡ୍ ଭଏସ୍ କଲ୍) ମାଧ୍ୟମରେ ପାଠ୍ୟ ସୂଚନା ଦିଆଯିବ । ଏଥିସହ ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ପିଲାଙ୍କୁ ପ୍ରିଂଟେଡ୍ ହଲିଡେ ହୋମୱାର୍କ ସିଟ୍ ମଧ୍ୟ ପ୍ରଦାନ କରାଯିବ । ଓସେପାର ଅତିରିକ୍ତ ନିର୍ଦ୍ଦେଶିକା ଅମିତା ପଟ୍ଟନାୟକ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଏନେଇ ପତ୍ର ଲେଖି ଆସନ୍ତା ୨୫ ସୁଦ୍ଧା ସମସ୍ତ ହ୍ୱାଟ୍ସଆପ୍ ଗ୍ରୁପ୍ ସକ୍ରିୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।








# ପଶ୍ଚିମବଙ୍ଗରେ କ୍ଷମତାକୁ ଆସିଲେ ଆର୍ଥିକ ପୁନରୁଦ୍ଧାର ଏବଂ ଶିଳ୍ପ ବିକାଶ ପ୍ରଥମ ପ୍ରାଥମିକତା ହେବ : ଅମିତ ଶାହା



କୋଲକାତା : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବୁଧବାର କହିଛନ୍ତି ଯେ ଏଥର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ କେବଳ ଭାରତୀୟ ଜନତା ପାର୍ଟି ସପକ୍ଷରେ ଭୋଟ୍ ନୁହେଁ ବରଂ ବେଆଇନ ଅନୁପ୍ରବେଶ, ଦୁର୍ନୀତି ଏବଂ ମହିଳାଙ୍କ ବିରୋଧରେ ଅପରାଧ ବିରୋଧରେ ଜନମତ ସଂଗ୍ରହ । ଉତର ୨୪ ପ୍ରଗଣା ଜିଲ୍ଲାର ଦମ୍‌ଦମ୍(ଉତର) ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏକ ନିର୍ବାଚନ ସଭାରେ ଉଦବୋଧନ ଦେଇ ଅମିତ ଶାହା କହିଛନ୍ତି ଯେ ଏପ୍ରିଲ ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ଯେତେବେଳେ ଭୋଟରମାନେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍‌ର ବଟନ୍ ଦବାଇବେ, ସେତେବେଳେ ଏହା କେବଳ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନୁହେଁ, ବରଂ ଏହା ବେଆଇନ ଅନୁପ୍ରବେଶ, ଦୁର୍ନୀତି ଏବଂ ମହିଳାଙ୍କ ଉପରେ ଅତ୍ୟାଚାର ବିରୁଦ୍ଧରେ ଭୋଟ୍ ହେବ । ଅମିତ ଶାହା ତାଙ୍କ ଭାଷଣରେ କଂଗ୍ରେସ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ । ସେ କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ପ୍ରଭାବରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଅପ୍ରାସଙ୍ଗିକ ମନ୍ତବ୍ୟ ଦେବା ଆରମ୍ଭ କରିଛନ୍ତି । ଶାହା ଦାବି କରିଛନ୍ତି ଯେ ଆସାମରେ କଂଗ୍ରେସ ଏହାର ସବୁଠାରୁ ଖରାପ ଫଳାଫଳ ପାଇବ । ସେ କହିଛନ୍ତି ଯେ କଂଗ୍ରେସ ପଶ୍ଚିମବଙ୍ଗରେ ଖାତା ଖୋଲି ପାରେ, କିନ୍ତୁ ତାମିଲନାଡୁ ଏବଂ ପୁଡୁଚେରୀରେ ଦୁଇ ଅଙ୍କରେ ପହଂଚିବ ନାହିଁ ।

# ମୁଗଠାରୁ ଶୋରିଷ ଯାଏ ୫ ଶସ୍ୟକୁ ମିଳିବ ଏମ୍‌ଏସ୍ପି : ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ: ଏଣିକି ଚିନାବାଦାମ, ସୂର୍ଯ୍ୟମୁଖୀ, ସୋରିଷଭଳି ତୈଳବୀଜ ସହ ମୁଗ ବିରି ଭଳି ଶସ୍ୟକୁ ମିଳିବ ସର୍ବନିମ୍ନ ସହାୟକ ମୂଲ୍ୟ । କେନ୍ଦ୍ର ସରକାର ରାଜ୍ୟର ଚାଷୀମାନଙ୍କଠାରୁ ଏହି ୫ ଶସ୍ୟକୁ କିଣିବେ । ଏ ନେଇ ରାଜ୍ୟର ବହୁତ ଦିନର ଦାବିକୁ ଗ୍ରହଣ କରି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କୃଷକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଏହାଦ୍ୱାରା ରାଜ୍ୟର ଚାଷୀମାନଙ୍କୁ ୧,୪୨୮.୩୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସହାୟତା ମିଳିବ । ଆଜି ନୂଆଦିଲ୍ଲୀର କୃଷି ଭବନରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଏକ ଭର୍ଚୁଆଲ୍ ବୈଠକରେ ଆଲୋଚନା କରିବା ପରେ ସେ ଏହି ଘୋଷଣା କରିଛନ୍ତି । ବୈଠକରେ ଶ୍ରୀ ଚୌହାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା, ସାଧୁତା ରକ୍ଷା ସହ କୌଣସି ପ୍ରକାର ମଧ୍ୟସ୍ଥି ହସ୍ତକ୍ଷେପକୁ ବାରଣ କରିଛନ୍ତି । କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ, ଏକ ସ୍ୱଚ୍ଛ ବ୍ୟବସ୍ଥା




ମାଧ୍ୟମରେ ଚାଷୀମାନେ ଉପଯୁକ୍ତ ସମୟରେ ସର୍ବନିମ୍ନ ସହାୟକ ମୂଲ୍ୟର ସୁଫଳ ପାଇବା ଉଚିତ୍, ଯାହାଦ୍ୱାରା ପ୍ରକୃତ ଉତ୍ପାଦନକାରୀ ଚାଷୀମାନେ ସିଧାସଳଖ ଉପକୃତ ହୋଇପାରିବେ । ଏହି ବୈଠକରେ କେନ୍ଦ୍ର କୃଷି ମନ୍ତ୍ରୀ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କ ସହ କୃଷିଜାତ ଦ୍ରବ୍ୟ ସଂଗ୍ରହ ପାଇଁ ରାଜ୍ୟ ରଖିଥିବା ଦାବିଗୁଡ଼ିକର ସମୀକ୍ଷା କରିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପଠାଯାଇଥିବା ପ୍ରସ୍ତାବ, ଉତ୍ପାଦନ ଆକଳନ ଏବଂ ସଂଗ୍ରହ ଆବଶ୍ୟକତାକୁ ବିଚାର କରି ଶ୍ରୀ ଚୌହାନ ପାଁଚଟି ପ୍ରମୁଖ ଫସଲ କେନ୍ଦ୍ର ପକ୍ଷରୁ ସଂଗ୍ରହ କରିବାକୁ ନିଷ୍ପତି ନେଇଛନ୍ତି ।

## ଉନ୍ମୋଚିତ ହେଲା ନୂଆ ଟ୍ୟାଗଲାଇନ୍ ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା

# ଓଡ଼ିଶା ଏବେ ଏକ ଉଚ୍ଚ-ପ୍ରଦର୍ଶନକାରୀ ପର୍ଯ୍ୟଟନ ଅର୍ଥନୀତି ଆଡ଼କୁ ଗତି କରୁଛି : ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବୁଧବାର ଏକ ନୂତନ ବ୍ରାଣ୍ଡ୍ ପରିଚୟ ଏବଂ ଟ୍ୟାଗଲାଇନ୍ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା' ଉନ୍ମୋଚିତ ହୋଇଯାଇଛି । ରାଜ୍ୟର ପର୍ଯ୍ୟଟନକୁ ଏକ ଅନୁଭୂତି-ଭିତିକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଏହା ଏକ ଦୃଢ଼ ପଦକ୍ଷେପ । ଭିଜନ ସମୃଦ୍ଧ ଓଡ଼ିଶା ୨୦୩୬ ଏବଂ ଭିଜନ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟ ସହିତ ସମାନ୍ତରାଳ ଭାବେ ଓଡ଼ିଶା ଏବେ ଏକ 'ଲୁକ୍କାୟିତ ରତ୍ନ'ରୁ ପରିବର୍ତିତ ହୋଇ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ପର୍ଯ୍ୟଟନ ହବ୍ ଭାବେ ଉଭା ହୋଇଛି । ଏହି ଅବସରରେ ପୁରୀର ତାଜ୍ ରିସୋର୍ଟ ଆଣ୍ଡ ସ୍ପାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଓଏମସସି ପୁରୀ କୋଷ୍ଟାଲ ମାରାଥନ' ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପର୍ଯ୍ୟଟନ



ବିଭାଗର କମିଶନର-ତଥା-ସଚିବ ବଲଓ୍ୱନ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶା ଏବେ ଏକ ଉଚ୍ଚ-ପ୍ରଦର୍ଶନକାରୀ ପର୍ଯ୍ୟଟନ ଅର୍ଥନୀତି ଆଡ଼କୁ ଗତି କରୁଛି । ନୂଆ ଟ୍ୟାଗଲାଇନ୍ ବିଶ୍ୱବାସୀଙ୍କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ମାଧ୍ୟମରେ ଭାରତକୁ ପୁନଃ ଆବିଷ୍କାର କରିବାକୁ ନିମନ୍ତ୍ରଣ କରିବ । ଏହି ଅବସରରେ ଲୋଗୋ ଉନ୍ମୋଚନ ପୂର୍ବରୁ ବ୍ଲୁ-ଫ୍ଲାଗ୍ ବିଚ୍‌ରୁ ତାଜ୍ ରିସୋର୍ଟ ପର୍ଯ୍ୟନ୍ତ ଏକ ସାଙ୍କେତିକ ଦୌଡ଼ର ଆୟୋଜନ କରାଯାଇଥିଲା । ବେଳାଭୂମିରେ ଏକ ସୁନ୍ଦର ବାଲୁକା କଳା ମାଧ୍ୟମରେ ମାରାଥନର ଅଫିସିଆଲ୍ ଲୋଗୋ ପ୍ରଦର୍ଶିତ ହୋଇଥିଲା । ଆଜିଠାରୁ ମାରାଥନ ପାଇଁ ଅଫିସିଆଲ୍ ଓ୍ୱେବସାଇଟ୍ ଜରିଆରେ ପଞ୍ଜିକରଣ ଆରମ୍ଭ ହୋଇଛି । ଓଏମସସି ପୁରୀ କୋଷ୍ଟାଲ ମାରାଥନ ୧୩ ଡିସେମ୍ବରରେ ଅନୁଷ୍ଠିତ ହେବ । ମୋଟ ନଗଦ ପୁରସ୍କାର: ୧ କୋଟି ଟଙ୍କା ରହିଛି । ଫୁଲ୍ ମାରାଥନ (୪୨ କିମି), ହାଫ୍ ମାରାଥନ (୨୧ କିମି), ୧୦ କିମି ଏବଂ ୫ କିମି । ପୁରୀର ସୁନ୍ଦର ସମୁଦ୍ର କୂଳରେ ଅନୁଷ୍ଠିତ ହେବାକୁ ଥିବା ଏହି ମାରାଥନ ଦେଶର ଅନ୍ୟତମ ବଡ଼ କ୍ରୀଡ଼ା ଆୟୋଜନ ଭାବେ ଗଣାଯିବ । ଏହାର ଲୋଗୋରେ ଓଡ଼ିଶାର ପତିତପାବନ ବାନା, କୋଣାର୍କ ଚକ୍ର ଏବଂ ବଙ୍ଗୋପସାଗରର ଲହଡ଼ିକୁ ସ୍ଥାନ ଦିଆଯାଇଛି, ଯାହା ଗତିଶୀଳତା ଏବଂ ଶକ୍ତିର ପ୍ରତୀକ ।

# ବ୍ରହ୍ମପୁର ରେଳ ଷ୍ଟେସନର ହେବ ଆଧୁନିକୀକରଣ

## ୩ଟି ନୂଆ ଲାଇନ ସହ ଦକ୍ଷିଣ ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ

ଭୁବନେଶ୍ୱର : ଦକ୍ଷିଣ ଓଡ଼ିଶାର ସବୁଠାରୁ ବ୍ୟସ୍ତବହୁଳ ରେଳ ହବ୍ ଭାବେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଯେଉଁଠାରେ ପ୍ରତିଦିନ ୧୬୨ରୁ ଅଧିକ ଟ୍ରେନ୍ ଚଳାଚଳ କରେ ଏବଂ ୨୫,୦୦୦ରୁ ଅଧିକ ଯାତ୍ରୀ ଯାତାୟାତ କରନ୍ତି, ତାହାର ଏକ ବୈପ୍ଳବିକ ପରିବର୍ତନ ହେବାକୁ ଯାଉଛି । ପୂର୍ବତଟ ରେଳପଥ ପକ୍ଷରୁ ୩୦୦ କୋଟିର ଏକ ବହୁମୁଖୀ ପୁନର୍ବିକାଶ ଯୋଜନାକୁ ଅନୁମୋଦନ କରାଯାଇଛି, ଯାହା ଓଡ଼ିଶାର ଏହି ଗୁରୁତ୍ୱପୂର୍ଣ୍ଣ ସହରର ଯୋଗାଯୋଗ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ । ଷ୍ଟେସନର କ୍ଷମତା ବୃଦ୍ଧି ଏହି ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ । ଷ୍ଟେସନରେ ୩ଟି ଅତିରିକ୍ତ ରେଳ ଲାଇନ ଏବଂ ୪ଟି ନୂଆ ପ୍ଲାଟଫର୍ମ ନିର୍ମାଣ କରାଯିବ, ଯାହାଦ୍ୱାରା ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ ସହଜ ହୋଇପାରିବ । ଏହା ସହିତ ଦ୍ୱିତୀୟ ପ୍ରବେଶ




ପାର୍ଶ୍ୱରେ ଏକ ନୂତନ ଷ୍ଟେସନ ବିଲ୍ଡିଂ ଏବଂ ୟାର୍ଡର ଆଧୁନିକୀକରଣ କରାଯିବ । ସେବା ଭବନ ଏବଂ ରେଳ କ୍ୱାର୍ଟର୍ସଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଯାତ୍ରୀମାନଙ୍କ ପାଇଁ ଅଧିକ ଖୋଲା ସ୍ଥାନର ବ୍ୟବସ୍ଥା କରାଯାଉଛି । ଏହି ଯୋଜନାରେ ଯାତ୍ରୀମାନଙ୍କ ଯାତାୟାତ ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି, ଯାହା ଷ୍ଟେସନର ଉଭୟ ପାର୍ଶ୍ୱ ଏବଂ ସମସ୍ତ ପ୍ଲାଟଫର୍ମକୁ ସହଜରେ ଯୋଡ଼ିବ । ପାରମ୍ପରିକ ବ୍ୟବସ୍ଥା ବଦଳରେ ଏକ ଏଲିଭେଟେଡ୍ ଷ୍ଟ୍ରକଚର ନିର୍ମାଣ କରାଯିବ । ଏହା ସହିତ ବର୍ତମାନର ଫୁଟ୍ ଓଭର ବ୍ରିଜ୍ ର ସମ୍ପ୍ରସାରଣ କରାଯାଇ ଯାତ୍ରୀମାନଙ୍କ ଗମନାଗମନକୁ ଅଧିକ ସୁଗମ କରାଯିବ । ବ୍ରହ୍ମପୁର ଷ୍ଟେସନକୁ ପୂର୍ବତଟ ରେଳପଥର ଅନ୍ୟତମ 'ସୁଗମ୍ୟ' ଷ୍ଟେସନ ଭାବେ ଗଢ଼ି ତୋଳାଯିବ । ଏଥିପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଲିଫ୍ଟ ଏବଂ ଏସ୍କାଲେଟର ସ୍ଥାପନ କରାଯିବ । ଦିବ୍ୟାଙ୍ଗ ଅନୁକୂଳ ଭିତିଭୂମି, ଟ୍ୟାକ୍ଟାଇଲ୍ ପାଥଓ୍ୱେ ବା ସ୍ୱର୍ଶକାତର ରାସ୍ତା ଏବଂ ବାଧାମୁକ୍ତ ଯାତାୟାତର ବ୍ୟବସ୍ଥା କରାଯିବ । ଷ୍ଟେସନରେ ଭିଡ଼ ହ୍ରାସ କରିବା ପାଇଁ ଉଭୟ ପାର୍ଶ୍ୱରେ ବିକଶିତ ସର୍କୁଲେଟିଂ ଏରିଆ ନିର୍ମାଣ କରାଯାଉଛି । ମୁଖ୍ୟ ପ୍ରବେଶ ପାର୍ଶ୍ୱରେ ରାସ୍ତା ପ୍ରଶସ୍ତୀକରଣ, ଫୁଟପାଥ୍, ଡ୍ରେନେଜ୍ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି ।

# ଓଡ଼ିଶାରେ ଇନ୍ଧନ ଯୋଗାଣ ସ୍ଥିର ରହିଛି

## ଖାଉଟି ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ସୁଦୃଢ଼ କଲା ଇଣ୍ଡିଆନ୍ ଅଏଲ୍

ଭୁବନେଶ୍ୱର : ଜାରି ରହିଥିବା ଭୂ-ରାଜନୈତିକ ପରିସ୍ଥିତି ଯୋଗୁଁ ଅନ୍ତର୍ଜାତୀୟ ଉର୍ଜ୍ଜା ବଜାର ପ୍ରଭାବିତ ହେବାସତ୍ୱେ ଓଡ଼ିଶାରେ ଏଲପିଜି, ପେଟ୍ରୋଲ୍ ଓ ଡିଜେଲ ଯୋଗାଣ ସ୍ୱାଭାବିକ ଓ ସ୍ଥିର ରହିଛି ବୋଲି ଇଣ୍ଡିଆନ୍ ଅଏଲ୍ ସ୍ପଷ୍ଟ କରିଛି । ରାଜ୍ୟବ୍ୟାପୀ ବିଭିନ୍ନ ଅତ୍ୟାବଶ୍ୟକ ଇନ୍ଧନର ନିରବଚ୍ଛିନ୍ନ ଉପଲବ୍ଧତା ବଜାୟ ରଖିବାକୁ ପରିସ୍ଥିତି ଉପରେ ନିୟମିତଭାବେ ନଜର ରଖାଯାଇଛି । କର୍ପୋରେସନ ପକ୍ଷରୁ ଆହୁରି ମଧ୍ୟ ସୂଚନା ଦିଆଯାଇଛି ଯେ ଇଣ୍ଡେନ୍ ଏଲପିଜି ଗ୍ରାହକଙ୍କ ସୁବିଧା ଓ ସେମାନଙ୍କ ଅଭିଯୋଗଗୁଡ଼ିକର ସମାଧାନ ଲାଗି ଏକ ଦୃଢ଼ ତଥା ସହଜ ଅଭିଯୋଗ ପଂଜୀକରଣ ଓ ସମାଧାନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଜରୁରୀକାଳୀନ ସହାୟତା ପାଇଁ ଗ୍ରାହକମାନେ ୨୪ ଘଂଟିଆ ଏଲପିଜି ସହାୟତା ନମ୍ବର ୧୯୦୬କୁ ଫୋନ କରିପାରିବେ । ଗ୍ୟାସ୍ ଲିକ୍ ଓ ନିରାପତା ସଂପର୍କିତ ସମସ୍ୟା ପାଇଁ ଏହା ଏକ ସମର୍ପିତ ସର୍ବଭାରତୀୟ ସହାୟତା ନମ୍ବର ଅଟେ । ଏହା ସହିତ, ସାଧାରଣ ଅଭିଯୋଗ ଏବଂ ସେବା ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ସକାଳ ୮ଟାରୁ ରାତି ୮ଟା ମଧ୍ୟରେ ଶୁଳ୍କମୁକ୍ତ ଗ୍ରାହକସେବା ନମ୍ବର (୧୮୦୦-୨୩୩୩-୫୫୫) ମାଧ୍ୟମରେ ପଞ୍ଜୀକୃତ କରାଯାଇପାରିବ । ଗ୍ରାହକମାନେ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବି ଅଭିଯୋଗ ଦାଖଲ କରିପାରିବେ । ଇଣ୍ଡିଆନ ଅଏଲର ଅଫିସିଆଲ୍ ଓ୍ୱେବ୍‌ସାଇଟ୍‌ରେ ଏକ ସ୍ୱତନ୍ତ୍ର ମତାମତ ଓ ଅଭିଯୋଗ ପୋର୍ଟାଲ ରହିଛି । ଉପଭୋକ୍ତାମାନେ ସେଠାରେ ନିଜର ୧୭ ଅଙ୍କ ବିଶିଷ୍ଟ ପଂଜୀକୃତ ଏଲପିଜି ଆଇଡି କିମ୍ବା ଉପଭୋକ୍ତା ନମ୍ବର ବ୍ୟବହାର କରି ନିଜର ଅଭିଯୋଗ ଦାଖଲ କରିପାରିବେ । ଏହାଛଡ଼ା ଉଭୟ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ଇଣ୍ଡିଆନ ଅଏଲ୍ ଓ୍ୱାନ୍ ମୋବାଇଲ୍ ଆପ୍ ବ୍ୟବହାର କରି ଅଭିଯୋଗ ଦାଖଲ କରାଯାଇପାରିବ ଓ ଅଭିଯୋଗର ସ୍ଥିତି ଜାଣିହେବ । ସ୍ୱଚ୍ଛତା ଓ ଉତରଦାୟିତ୍ୱ ସୁନିଶ୍ଚିତ କରିବା ଲାଗି ହେଲପଲାଇନ ଓ ଅନଲାଇନ ପୋର୍ଟାଲ୍ ମାଧ୍ୟମରେ କରାଯାଉଥିବା ପ୍ରତ୍ୟେକ ଅଭିଯୋଗ ସହ ଏକ ୟୁନିକ୍ ସର୍ଭିସ ରିକ୍ୱେଷ୍ଟ ନମ୍ବର (ଏସଆରଏନ) ପ୍ରଦାନ କରାଯାଇଥାଏ ।


10001/78/2627

# ଅଂଶୁଘାତ ସତର୍କତା



## ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

## ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

## ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/10003/2/26-27/0006



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**